# ପତଞ୍ଜଳିର ସ୍ୱାସ୍ଥ୍ୟସେବା ଶିବିର

ମାଲକାନଗିରି,୧୮।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ଚିଦାନନ୍ଦ ସାହିସ୍ଥିତ ପତଞ୍ଜଳି ଚିକିତ୍ସାଳୟ ପରିସରରେ ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଦର ମହକୁମା ସହ ବିଭିନ୍ନ ଅଞ୍ଚଳରୁ ୧୧୦ ଜଣ ବରିଷ୍ଠ ନାଗରିକଙ୍କ



ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିରେ ମଧୁମେହ, ଉଚ୍ଚ ରକ୍ତଚାପ, କଡ଼ନୀ, ପେଟ ବ୍ୟଥା, ଶରୀର ଦୁର୍ବଳ, ଆଣ୍ଠୁଗଣ୍ଠି ଫୁଲା ଓ ବ୍ୟଥା ଇତ୍ୟାଦି ରୋଗ ପରୀକ୍ଷା କରାଯାଇ ରୋଗୀମାନଙ୍କୁ ଔଷଧ ବିତରଣ କରାଯାଇଥିଲା। ବରିଷ୍ଠ ନାଗରିକମାନେ ଦୈନିକ ଦୁଇବେଳା ଯୋଗକରିବା, ସକାଳ ଏବଂ ସନ୍ଧ୍ୟାରେ ଅତି କମ୍‌ରେ ୧ କି.ମି. ଚାଲିବା, ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦୈନିକ ସୁଷମ ଓ ଗରମ ଖାଦ୍ୟ ନିର୍ଦ୍ଦିଷ୍ଟ ସମୟରେ ଖାଇବା, ପ୍ରତିମାସରେ ନିଜର ରୋଗ ସମ୍ବନ୍ଧରେ ପରୀକ୍ଷା କରିବା, ବିଭିନ୍ନ ପୁସ୍ତକ, କବିତା, ପତ୍ର ପତ୍ରିକା ପଢ଼ି ସମୟ ଅତିବାହିତ କରିବା ଦ୍ୱାରା ସେମାନଙ୍କର ମସ୍ତିଷ୍କ ସୁସ୍ଥ ରହିବ ବୋଲି ଡାକ୍ତର ସାଗରିକା ବେହେରା କହିଥିଲେ। କାର୍ଯ୍ୟକ୍ରମକୁ ଯୋଗଗୁରୁ ସରୋଜ କୁମାର ପାଣିଗ୍ରାହୀ ଓ ଅରୁଣ ବୁରୁଦା ପ୍ରମୁଖ ପରିଚାଳନା କରିଥିଲେ।

# ୩୦ ଯୁବପିଢ଼ିଙ୍କୁ ଅହମ୍ମଦାବାଦ ପଠାଇଲା ବିଏସ୍‌ଏଫ୍

ମାଲକାନଗିରି, ୧୮।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବିଏସ୍‌ଏଫ୍ ତରଫରୁ ଆଦିବାସୀ ଯୁବତୀଯୁବକମାନେ ଗୁଜରାଟର ଅହମ୍ମଦାବାଦ ଗସ୍ତ କରିଛନ୍ତି। ବିଏସ୍‌ଏଫ୍ ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା ଗୁରୁବାର ମାଥିଲି ବ୍ଲକ ତେନ୍ତୁଲିଗୁମା, ସିଙ୍ଗାଲଗୁଡା, କର୍ଣ୍ଣନପାଲୀ, କପ୍ରା, ସାଲିମି, ବାଗୁବେଡା, ମୁଣ୍ଡାଗୁଡା, ନାଗୁଡା, କଙ୍ଗରବେଡା, ସିନ୍ଧିଗୁଡ଼ା, କସ୍ରାଭଟା, ଉଦୟଗିରି, ମାଡକାମିଗୁଡ଼ା, ଭଣ୍ଡାରିପୋଙ୍ଗାମ ଓ କଟାପାଲ୍ଲୀ ଆଦି ଅଞ୍ଚଳର ୩୦ ଯୁବତୀ ଯୁବକଙ୍କୁ ଅହମ୍ମଦାବାଦ ପଠାଇଛନ୍ତି। ଏହି ଯୁବପିଢ଼ି ଆସନ୍ତା ୨୧ରୁ ୨୭ ତାରିଖ ପର୍ଯ୍ୟନ୍ତ ଅହମ୍ମଦାବାଦର ବିଭିନ୍ନ ପର୍ଯ୍ୟଟନ ସ୍ଥଳ ଭ୍ରମଣ କରିବା ସହ ସେଠାକାର ରାଜନୈତିକ ନେତା, ବିଭିନ୍ନ ମନ୍ତ୍ରୀ, ସିନେ ତାରକା ଓ ବିଭିନ୍ନ ପୌରାଣିକ ସ୍ଥଳ ଭ୍ରମଣ କରିବେ। କାର୍ଯ୍ୟକ୍ରମରେ ବିଏସ୍‌ଏଫ୍ ଦ୍ୱିତୀୟ ବାଟାଲିୟନ କମାଣ୍ଡାଣ୍ଟ ବରୁଣେନ୍ଦ୍ର ପ୍ରତାପ ସିଂ, ଡେପୁଟି କମାଣ୍ଡାଣ୍ଟ ଶୁଭାଞ୍ଜନ ମହାପାତ୍ର, ନେହେରୁ ଯୁବ ସଂଘ ଜିଲା ଅଧିକାରୀ ହରିଶ ରୁପାଲ ପ୍ରମୁଖ ଉପସ୍ଥିତ ଥିଲେ।



ଅହମ୍ମଦାବାଦ ଗସ୍ତ କରିଥିବା ଯୁବତୀ ଯୁବକ।

# ପରିକ୍ରମା ପ୍ରକଳ୍ପ ନେଇ ନାଟକ ପାତାଳୀ ଶ୍ରୀକ୍ଷେତ୍ର ମଞ୍ଚସ୍ଥ

ମାଲକାନଗିରି,୧୮।୧(ଦୁର୍ଯ୍ୟୋଧନ ପାତ୍ର)

ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ନେଇ ଜିଲା ସଂସ୍କୃତି ଭବନଠାରେ ନାଟକ ପାତାଳୀ ଶ୍ରୀକ୍ଷେତ୍ର ମଞ୍ଚସ୍ଥ ହୋଇଥିଲା। ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଓ ଜିଲ୍ଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଗୋଲ୍ଡେନ ମିଗ୍ କଳା ପରିଷଦ ସହଯୋଗରେ ଏହି ନାଟକ ପରିବେଷଣ କରାଯାଇଥିଲା। ନାଟକକୁ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଜଗନ୍ନାଥ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସମସ୍ତଙ୍କର ପ୍ରୟାସ ଆବଶ୍ୟକ, ଯାହାଦ୍ୱାରା ଆମ ସଂସ୍କୃତି ବିଶ୍ୱ ଦରବାରରେ ବଜାୟ ରହିବ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି। ସୁବର୍ଣ୍ଣପୁର ଜିଲାରେ କିଭିଳି ଜଗନ୍ନାଥଙ୍କୁ ପାତାଳୀ କରାଯାଇଥିଲା ଏବଂ ଯାଜପୁର ନରେଶ ଯଯାତି କେଶରୀଙ୍କ ଦ୍ୱାରା ମହାପ୍ରଭୁଙ୍କ ଦାରୁ ବିଗ୍ରହଙ୍କୁ ଶ୍ରୀମନ୍ଦିରରେ ପୁନଃ ପ୍ରତିଷ୍ଠା କରାଯାଇଥିଲା, ସେହି କାହାଣୀକୁ ନେଇ ନାଟକ ମଞ୍ଚସ୍ଥ ହୋଇଥିଲା। ସଂସ୍କୃତି ଭବନରେ ଏକ ଆଧାତ୍ମିକ ଓ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି, ଜିଲା ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧରୁଆ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ, ସହକାରୀ ଶ୍ରମ ଅଧିକାରୀ ପୂର୍ଣ୍ଣିମା ଡୁରୁକା, ଜିଲା ଯୁବ ଅଧିକାରୀ ହରିଶ ରୁପାଲ ଓ ବିଭିନ୍ନ ସଂଗଠନ ସଦସ୍ୟମାନେ ଉପସ୍ଥିତ ଥିଲେ।



ନାଟକରେ ଅଂଶଗ୍ରହଣ କରିଥିବା କଳାକାର ଓ ଅନ୍ୟମାନେ।

# ମାଲକାନଗିରିରୁ –ପୁରୀ ଜଗନ୍ନାଥ ଏକ୍ସପ୍ରେସ ବସ୍‌ର ଶୁଭାରମ୍ଭ

ମାଲକାନଗିର,୧୮।୧(ଦୁର୍ଯ୍ୟୋଧନ ପାତ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୧୨ ଜିଲାର ମୁଖ୍ୟ କାର୍ଯ୍ୟାଳୟଠାରୁ ପୁରୀକୁ ଜଗନ୍ନାଥ ଏକ୍ସପ୍ରେସ ବସ୍‌ର ଶୁଭାରମ୍ଭ ହୋଇଛି। ଏହି ୧୨ ଜିଲା ମଧ୍ୟରେ ମାଲକାନଗିରି ଜିଲା ଅନ୍ୟତମ। ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉଦ୍‌ଘାଟନୀ ଉତ୍ସବକୁ ଭିଡିଓ କନଫେରେନ୍ସରେ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିଲେ। ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଜିଲାପାଳ ବିଶାଳ ସିଂ, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ଜିଲା ପରିଷଦ ନର୍ବାହୀ ଅଧିକାରୀ ରତ୍ନାକର ସାହୁ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବ ଦେଖିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ସଦସ୍ୟ, ସାଧାରଣ ଜନତା ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ମହିଳାମାନଙ୍କ ପାଇଁ ଟିକେଟର ୫୦ ପ୍ରତିଶତ ରିହାତି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବାରୁ ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ବସ୍ ସେବାର ଶୁଭାରମ୍ଭ କରାଯାଉଛି।

# ଆଜିଠୁ ପ୍ରାଣୀ ଚିକିତ୍ସକଙ୍କ ସମୂହ ଛୁଟି ଆନ୍ଦୋଳନ

ମାଲକାନଗିରି,୧୮।୧(ଦୁର୍ଯ୍ୟୋଧନ ପାତ୍ର)

୪ ଦଫା ଦାବି ନେଇ ଗୁରୁବାରରୁ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ଡାକରାରେ ମାଲକାନଗିରି ଜିଲା ପ୍ରାଣୀ ଚିକିତ୍ସକମାନେ ସମୂହ ଛୁଟି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ଏହି ଆନ୍ଦୋଳନ ଯୋଗୁ ରୋଗାକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଆଣିଥିବା ପ୍ରାଣୀଙ୍କ ଚିକିତ୍ସା ହୋଇ ପାରୁନାହିଁ। ସଂଘ ଦାବି ମଧ୍ୟରେ ପ୍ରାଣୀ ସେବା କ୍ଷେତ୍ରରେ ରୂପାନ୍ତରିତ କରି ୨୪ ଘଣ୍ଟିଆ ସେବା ବ୍ୟବସ୍ଥା, ବିଶେଷଜ୍ଞ ବ୍ୟବସ୍ଥା, ଜଟିଳ ରୋଗରେ ପୀଡିତ ପ୍ରାଣୀଙ୍କୁ ସ୍ଥାନାନ୍ତର ସୁବିଧା ଓ ନିଃଶୁଳ୍କ ସେବା ପ୍ରଦାନ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକଙ୍କ ଭଳି ପଦୋନ୍ନତି, କେନ୍ଦ୍ର ସରକାରଙ୍କ ପ୍ରାଣୀ ଚିକିତ୍ସକଙ୍କ ହାରରେ ଏନ୍‌ପିଏ ପ୍ରଦାନ, ପ୍ରାଣୀ ଗଣନା ଓ ଜନସାଧାରଣଙ୍କ ଆବଶ୍ୟକତା ଆଧାରରେ ଡାକ୍ତର ପଦବୀ ସୃଷ୍ଟି ଓ କ୍ୟାଡର ପୁନଃ ଗଠନ ଆଦି ଅନ୍ତର୍ଭୁକ୍ତ। ଦାବି ପୂରଣ ନ ହେବା ଯାଏ ଏହି ଆନ୍ଦୋଳନ ଜାରି ରହିବ ଓ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ମାଥିଲି ପ୍ରାଣୀ ଚିକିତ୍ସକ ଡା. ମନୋଜ କୁମାର ଦାସ ପ୍ରକାଶ କରିଛନ୍ତି।

# ବିଦ୍ୟାଳୟସ୍ତରୀୟ ପ୍ରତିଭା ଅନ୍ୱେଷଣ, ସୃଜନ ବିକାଶ କାର୍ଯ୍ୟକ୍ରମ

ମାଲକାନଗିର,୧୮।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ ଶିଖପାଲୀ ସଦର ପଞ୍ଚାୟତ ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବିଦ୍ୟାଳୟସ୍ତରୀୟ ପ୍ରତିଭା ଅନ୍ୱେଷଣ ଓ ସୃଜନ ଶୀଳତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ କ୍ଲବ ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା ଓ କ୍ରିଡାଙ୍ଗନ ସଭ୍ୟା ସଭ୍ୟ ବିଭିନ୍ନ ସୃଜନଶୀଳତା ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଶିକ୍ଷକ ଦିନବନ୍ଧୁ ବପେକ, ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ନିରଞ୍ଜନ ମହାପାତ୍ର, ସଭାପତିତ୍ୱ କରିଥିଲେ ପ୍ରଧାନ ଶିକ୍ଷକ ରମେଶ ମହାରଣା। ମୁଖ୍ୟ ଅତିଥି ଏମ୍‌ଭି ୧୯ଗ୍ରାମର ମୁଖ୍ୟ ଚିକିତ୍ସାଧିକାରୀ ତନ୍ମୟ ତନୟ ଖମାରୀ, ମୁଖ୍ୟବକ୍ତା ଏମ୍‌ଭି ୧୭ ଗ୍ରାମର ଷ୍ଟେଟ ବ୍ୟାଙ୍କ ପରିଚାଳକ ସୁମନ ମଜୁମଦାର, ସମ୍ମାନିତ ଅତିଥି ଶିଖପାଲୀର ପୂର୍ବତନ ସରପଞ୍ଚ ସୋମନାଥ ମାଡକାମି, ମୁଡା ପେଦା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ଜମୁନା ରାୟ, ସଦସ୍ୟଙ୍କ ସହ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଛାତ୍ରୀଛାତ୍ର ପୁରାତନ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

# ପରିବାଚାଷରେ ଜୈବିକ ରୋଗପୋକ ନିରାକରଣ ତାଲିମ

ମାଲକାନଗିରି,୧୮।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପୌର ପରିଷଦ ଅଞ୍ଚଳ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଗୁରୁବାର ଜିଲାର ୭ ବ୍ଲକର କୃଷି, ଉଦ୍ୟାନ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କୃଷି ଉତ୍ପାଦନ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କୁ ନେଇ ପରିବା ଚାଷରେ ରୋଗପୋକ ଜୈବିକ ପଦ୍ଧତିରେ କିପରି ନିରାକରଣ କରାଯାଇପାରିବ ସେ ସମ୍ବନ୍ଧରେ ତାଲିମ ପ୍ରଦାନ କରାଯାଇଥିଲା। କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ସିଦ୍ଧାର୍ଥ କର, ଜିଲା ମୁଖ୍ୟ କୃଷି ଅଧିକାରୀ ଜାମି ପ୍ରକାଶ ରାଓ, ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ବିଶେଷକରି ଚାଷୀମାନେ ନିଜ ଜମିରେ ପରିବା ଚାଷ ପୂର୍ବରୁ ବିହନ ବିଶୋଧନ, ମୃତ୍ତିକା ପରୀକ୍ଷା, ଜୈବିକ ସାର ଯଥା ଗୋବର, ହାଣ୍ଡି ଖତ ପ୍ରୟୋଗ କିପରି କରିବେ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଚାଷୀମାନେ କଷ୍ଟକରି ବିଭିନ୍ନ ସଂସ୍ଥାରୁ ଅର୍ଥ ଋଣ ଆଣି ପନିପରିବା ଚାଷ କରିଥାନ୍ତି। ଚାଷ ଭଲ ହୋଇଥିଲେ ମଧ୍ୟ ଅନେକ କ୍ଷେତ୍ରରେ ଫୁଲ ଆସିବା ସମୟରେ ଅଚାନକ ବିଭିନ୍ନ ପ୍ରକାର ରୋଗ ପତ୍ର, ଫୁଲ ଡାଳ ମୂଳରେ ସୃଷ୍ଟି ହୋଇଥାଏ। ଫଳରେ ଚାଷୀ ହତୋତ୍ସାହ ହୋଇ ଅନେକ ସମୟରେ ନିଜର ଭାରସାମ୍ୟ ହରାଇଥାନ୍ତି। ଏହି ଫସଲକୁ ରୋଗ ପୋକରୁ କିପରି ରକ୍ଷା କରାଯିବ, ଜୈବିକ ପଦ୍ଧତିରେ କିପରି କୀଟନାଶକ ପ୍ରସ୍ତୁତ କରାଯିବ, ପ୍ରସ୍ତୁତି ପାଇଁ କେଉଁ କେଉଁ ଦ୍ରବ୍ୟର ଆବଶ୍ୟକ, ସେଗୁଡ଼ିକୁ କିପରି କୀଟନାଶକର ପରିଣତ କରାଯାଇ ସିଞ୍ଚନ କରାଯିବ ସେ ସମ୍ବନ୍ଧରେ ତାଲିମ ଦିଆଯାଇଥିଲା।



ତାଲିମ କାର୍ଯ୍ୟକ୍ରରେ ଅତିଥି ଓ ଅନ୍ୟମାନେ।

# ଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ଆଲୋଚନା

ନବରଙ୍ଗପୁର, ୧୮।୧(ସଦାଶିବ ପ୍ରହରାଜ)

ବେଲଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ–ଓ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଅସିତ୍ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଥବିର ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭରତ ଚରଣ ସାହୁ ନିବେଦିତା ବିଶ୍ୱାଳ, ଧରମୁ ଭତରା, ଧନସାଇ ମାଳି, ଜୀବନ ପ୍ରକାଶ ନାୟକ ସମ୍ମାନିତ ଅତିଥି, ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବଲ୍ଲଭ ରାଉତ ମୁଖ୍ୟବକ୍ତା, ସମ୍ମାନିତ ବକ୍ତାଭାବେ ଅଧ୍ୟାପକ ଗୋପାଳ ମହାରଣା, କେଦାରେଶ୍ୱର ପଟ୍ଟନାୟକ, ଅଭୟ ନାୟକ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସର୍ବେଶ୍ୱର ମହାନ୍ତି, ଈପ୍ସିତା ମଣ୍ଡଳ, ଭାରତୀ ବେହେରା ଓ ଲୋପାମୁଦ୍ରା ବଳ ପରିଚାଳନା କରିଥିଲେ।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ଡାବୁଗାଁ, ୧୮।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବ୍ଲକ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାଧାରଣତନ୍ତ୍ର ଦିବସ ପାଳନ, ବିଭିନ୍ନ କମିଟି ଗଠନ, ଅତିଥି ଚୟନ, ପରେଡ୍ ଅଭ୍ୟାସ, ଜାନୁଆରୀ ୨୨ରେ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ହେବ ବୋଲି ଆଲୋଚନା ହୋଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ଏହି ବୈଠକରେ ବିଡିଓ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ସବ୍‌ଇନ୍‌ସପେକ୍ଟର ଚନ୍ଦନ ସାହୁ, ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ଶିକ୍ଷୟିତ୍ରୀ ବନଲତା ମହାନ୍ତି, ଶୈଳବାଳା ମୁଦୁଲି, ଶିକ୍ଷକ ଭାଗବତ ପ୍ରସାଦ ମୁର୍ମୁ, ବିକାଶ ରଞ୍ଜନ ନିଶଙ୍କ, ବଲ୍ଲଭ ନାରାୟଣ ପଣ୍ଡା, ବିଶ୍ୱେସ ତ୍ରିପାଠୀ, ଉମେଶ ପାତ୍ର ଓ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଅମୂଲ୍ୟ ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ପାଣିରେ ବୁଡ଼ି ଜଣେ ମୃତ

ଡାବୁଗାଁ, ୧୮।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବଡ଼ଓଲମା ପଞ୍ଚାୟତ ଅଧୀନ ବରକିଗୁଡ଼ା ଗ୍ରାମରେ ପାଣିରେ ବୁଡ଼ି ମନ ଭତରା (୪୧)ଙ୍କ ମୃତ୍ୟୁ ହୋଇଛି। ଏ ନେଇ ଡାବୁଗାଁ ଥାନାରେ ଏତଲା ହୋଇଛି। ସୂଚନାନୁଯାୟୀ, ମନ ମଙ୍ଗଳବାର ସନ୍ଧ୍ୟାରେ ଶୌଚ ପାଇଁ କହି ଘରୁ ଯାଇଥିଲେ। ରାତିରେ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଗୁରୁବାର ସକାଳୁ ଗାଁ ପାଖ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ମନଙ୍କ ପରିବାରଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଡାବୁଗାଁ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଖବରପାଇ ଅଗ୍ନିଶମ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ସକାଳେ ମୃତକଙ୍କ ସ୍ତ୍ରୀ ପଦ୍ମା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏଏସ୍‌ଆଇ ଗୋପାଳକୃଷ୍ଣ ହାଲୱା ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କେସ ନଂ ୨/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# କଲେଜରେ ରକ୍ତଦାନ ଶିବିର

ଉମରକୋଟ, ୧୮।୧(ସନ୍ତୋଷ ଶତପଥୀ)

ନୂଆ–ଓ ଆନୁକୂଲ୍ୟରେ ଉମରକୋଟ ପେଣ୍ଡ୍ରାଣୀ କଲେଜରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କରାଯାଇଥିଲା। ରେଡ୍‌କ୍ରସ ଅଧିକାରୀ ଅଧ୍ୟାପକ ରାମଶଙ୍କର ପଟ୍ଟନାୟକ ଏହାକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ଅନୀଲ ମିଶ୍ର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଚିନ୍ମୟ ରାଉତ, ଅଶୋକ କୁଜୁର, ସାଗର ପାଣିଗ୍ରାହୀ, ବିଶ୍ୱକେତନ ପଣ୍ଡା, ଉପ ନଗରପାଳ ଏବଂ ନରେନ୍ଦ୍ର ନାୟକ, ଆକାଶ ପପତାନି, ଅନୀଲ ମହାରଣା, ରାକେଶ ଚୌଧୁରୀ ରକ୍ତଦାନ କରିଥିଲେ। ଶିବିରରେ ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଅଧ୍ୟାପକ ରବୀନ୍ଦ୍ର ମିଶ୍ର, ଶେଷାନନ୍ଦ ମିଶ୍ର, ପ୍ରଦୋଷ ପଟ୍ଟନାୟକ, ସମୀର ମହାନ୍ତି, ଅଧ୍ୟାପିକା ଦୀପ୍ତି ଦାସ ଓ ବି.ଜ୍ୟୋତି ସହଯୋଗ କରିଥିଲେ।

# ନବରଙ୍ଗପୁରରୁ ଶ୍ରୀକ୍ଷେତ୍ରକୁ ଗଡ଼ିଲା ବସ୍

ନବରଙ୍ଗପୁର,୧୮।୧ (ସଦାଶିବ ପ୍ରହରାଜ)

ଭର୍ଚ୍ଚୁଆଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଶୁଭାରମ୍ଭ କରିଛନ୍ତି। ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲାପାଳ ଡ଼ଃ କମଳ ଲୋଚନ ମିଶ୍ର, ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର ଭୋଇ, ଡେପୁଟି କଲେକ୍ଟର ପି. ମନସ୍ୱିତା, ସହକାରୀ ଜିଲାପାଳ ଆଶୁତୋଷ ପାତ୍ର, ଡିଆଇପିଆର୍‌ଓ ହଳଧର ନିଆଲ, ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ବାଲାଜୀ ସାହୁ, ଜିଲା ପରିଚାଳକ (ଓଏସ୍‌ଆର୍‌ଟିସି) ସନ୍ତୋଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନବରଙ୍ଗପୁରରୁ ପୁରୀ ଦୀର୍ଘ ୬୦୮ କିଲୋମିଟର ଦୂରତା ଅତିକ୍ରମ କରିବାକୁ ଥିବା ଏହି ଶୀତ ତାପ ନିୟନ୍ତ୍ରିତ ସୁବ୍ୟବସ୍ଥିତ ବସ୍‌ରେ ୫୧ଜଣଙ୍କ ନିମନ୍ତେ ସିଟ୍ ବ୍ୟବସ୍ଥା ରହିଛି। ଏଥିରେ ଯିବାକୁ ହେଲେ ଅନ୍‌ଲାଇନ ଟିକେଟ କରିବାକୁ ହେବ। ଯାହାର ମୂଲ୍ୟ ୧୫୪୦ ଟଙ୍କା ରହିଛି। ବସ୍‌ଟି ନବରଙ୍ଗପୁର ବସଷ୍ଟାଣ୍ଡରୁ ସନ୍ଧ୍ୟା ୬ଟାରେ ଛାଡି କଳାହାଣ୍ଡି , ବଲାଙ୍ଗିର, ସୋନପୁର, ବୌଦ୍ଧ ଖୋର୍ଦ୍ଧା, ଭୁବନେଶ୍ୱର ଦେଇ ପୁରୀରେ ସକାଳ ୭ରେ ପହଞ୍ଚିବ। ନବରଙ୍ଗପୁରରୁ ପୁରୀ ଯିବା ପାଇଁ ସିଧାସଳଖ କୌଣସି ବସ ସେବା ନ ଥିଲା। ଶ୍ରୀ ଜଗନ୍ନାଥ ଏକ୍ସପ୍ରେସରେ ଜଣେ ସପରିବାର ପୁରୀରେ ପହଞ୍ଚି ଜଗନ୍ନାଥଙ୍କ ଦର୍ଶନ ସାରି ପୁଣି ବସରେ ଫେରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଏହି ସୁବିଧା କରିଛନ୍ତି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ କହିଛନ୍ତି। ସପ୍ତାହ ମଧ୍ୟରେ ଆଉ ଏକ ବସ ରାୟଗଡାରେ ପହଞ୍ଚିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ବାର୍ତ୍ତା ଦେଉଥିବା ବେଳେ ବଲାଙ୍ଗୀରରୁ ପରିବହନ ମନ୍ତ୍ରୀ ଟୁକୁନି ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ପରିଚାଳନା କରିଥିଲେ। ଜିଲାବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫–ଟି ଅଧ୍ୟକ୍ଷ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଛନ୍ତି।



ପୁରୀକୁ ଯିବାକୁ ଥିବା ବସ୍ ସହ ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର ଓ ଅନ୍ୟାଧିକାରୀ।କ

## ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା

# ଜଗନ୍ନାଥ ମନ୍ଦିର ଆଗରେ ଭାଜପାର ଧାରଣା

ନବରଙ୍ଗପୁର,୧୮।୧(ସଦାଶିବ ପ୍ରହରାଜ)

ଅର୍ପଣ ରଥକୁ ଭକ୍ତଙ୍କ ଦ୍ୱାରା ଦାନ ଗୁଆ, ଚାଉଳ ପୁରୀ ପଠାଯାଇ ନ ଥିବାରୁ ଜିଲା ଭାଜପା ଏହାର ପ୍ରତିବାଦ କରିଛି। ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ଏମ୍‌ପି ବଳଭଦ୍ର ମାଝିଙ୍କ ନେତୃତ୍ୱରେ ସହରସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଗୁରୁବାର ଏକ ଘଣ୍ଟିଆ ଧାରଣା ଦିଆଯାଇଥିଲା। ଭକ୍ତଙ୍କ ଭାବାବେଗ ସହ ଖେଳାଯାଇଥିବା ଭାଜପା ଅଭିଯୋଗ କରିଛି। ଭକ୍ତଙ୍କ ଦାନ ଗୁଆ, ଚାଉଳ କେଉଁଠି ସ୍ଥାନୀୟ ମନ୍ଦିରରେ ରହିଛି ତ କେଉଁ ଗୋଦାମରେ ପଡ଼ିଥିବା ଭାଜପା କର୍ମୀମାନେ କହିଛନ୍ତି। ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ଭକ୍ତ ଦାନ କରିଥିଲେ, କିନ୍ତୁ କାର୍ଯ୍ୟକ୍ରମ ସରିଥିବା ବେଳେ ପୁରୀରେ ଦାନ ଜିନିଷ ପହଞ୍ଚି ନାହିଁ। ପରେ ପହଞ୍ଚିଲେ ତାହା କୌଣସି କାର୍ଯ୍ୟରେ ଲାଗିବ ନାହିଁ ବୋଲି ଭାଜପା ନେତାମାନେ ଅଭିଯୋଗ କରିଛନ୍ତି। ଅର୍ପଣ ରଥ ନବରଙ୍ଗପୁର ଭଳି ଗରିବ ଜିଲାରୁ ଭକ୍ତଙ୍କଠାରୁ ୧୦ ଲକ୍ଷ ଦକ୍ଷିଣା, ୩୦୦ କୁଇଣ୍ଟାଲ ଚାଉଳ ଓ ୩ କୁଇଣ୍ଟାଲ ଗୁଆ ସଂଗ୍ରହ କରିଥିଲା। ତାହା କେମିତି ଯିବ ଓ ଜଗନ୍ନାଥଙ୍କ କେଉଁ କାର୍ଯ୍ୟରେ ଲାଗିବ ବୋଲି ଭାଜପା କର୍ମୀମାନେ ପ୍ରଶ୍ନ କରିଛନ୍ତି।



ଭାଜପା କର୍ମୀମାନେ ଧାରଣା ଦେଉଛନ୍ତି।

# ବିକାଶଠାରୁ ବହୁ ଦୂରରେ ଛାରପଦର ଗାଁ

ତେନ୍ତୁଲିଖୁଣ୍ଟି, ୧୮।୧(ଚିଦାନନ୍ଦ ସାହୁ)

ବିକାଶଠାରୁ ବହୁ ଦୂରରେ ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକର ମଞ୍ଚାଗାଁ ପଞ୍ଚାୟତର ବଣ ପାହାଡ଼ ଘେରା ଅପହଞ୍ଚ ଇଲାକା ଛାରପଦର ଗାଁ। ଦୁର୍ବିଷହ ଜୀବନ ବିତାଉଛନ୍ତି ଦୁର୍ଗମ ଅଞ୍ଚଳବାସୀ। ମୌଳିକ ସୁବିଧାରୁ ବଞ୍ଚିତ ଛାରପଦର ଗ୍ରାମବାସୀ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସାତସପନ ପାଲଟିଛି। ଗ୍ରାମରେ ବିଭିନ୍ନ ସମସ୍ୟା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ୬ବର୍ଷ ତଳେ ମାନବ ଅଧିକାର ଆୟୋଗ ତରଫରୁ ଏକ ଟିମ୍ ସ୍ଥିତି ଅନୁଧ୍ୟାନ କରିବା ସହ ଛାରପଦରର ଗ୍ରାମର ବିକାଶ ପାଇଁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ୬ ବର୍ଷ ଭିତରେ ତେନ୍ତୁଲିଖୁଣ୍ଟି ବ୍ଲକରେ ଅଧିକାରୀ ବଦଳି ଗଲେଣି, କିନ୍ତୁ ଏହି ଗାଁର ଚିତ୍ର ବଦଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମକୁ ସବୁଦିନିଆ ପକ୍କା ରାସ୍ତା ନ ଥିବାବେଳେ, ପାନୀୟ ଜଳ ପାଇଁ ଲୋକଙ୍କୁ ନାଳପାଣି ଉପରେ ନିର୍ଭର କରିବାକୁ ପଡୁଛି।

ସରକାର ପ୍ରତି ଗାଁକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିଥିବାବେଳେ ଏହି ଗାଁ ରେ ୧୮ ପରିବାର ଆଜି ମଧ୍ୟ ଗୋଳିଆ ନାଳପାଣିରେ ଶୋଷ ମେଣ୍ଟାଉଛନ୍ତି। ଫଳରେ ଗାଁର ଲୋକେ ଚର୍ମରୋଗ ସହ ଅନ୍ୟାନ୍ୟ ରୋଗର ଶିକାର ହେଉଥିବା ଅଭିଯୋଗ ହେଉଛି। ସେହିପରି ଗାଁରେ ଅଙ୍ଗନୱାଡ଼ି କେନ୍ଦ୍ର ନ ଥିବାରୁ ୧୧ କୋମଳମତି ଶିଶୁ ପ୍ରାକ୍ ଅଧ୍ୟୟନରୁ ବଞ୍ଚିତ ହେଉଛନ୍ତି। ଗ୍ରାମରେ କୌଣସି ସ୍କୁଲ ନ ଥିବାରୁ ପିଲାମାନେ ପଡ଼ୋଶୀ ବ୍ଲକ ନନ୍ଦାହାଣ୍ଡି ଡୁମୁରିଗୁଡା ପ୍ରାଥମିକ ବିଦ୍ୟାଳୟକୁ ଯିବାକୁ ପଡୁଛି। ସେହିପରି ଗାଁକୁ ରାସ୍ତା ନ ଥିବାରୁ ଅତି ବିପଦପୂର୍ଣ୍ଣ ଭାବେ ପାହାଡିଆ, ଜଙ୍ଗଲ ପାଦଚଲା ରାସ୍ତାରେ ପ୍ରତିଦିନ ପ୍ରାୟ ୪ କି.ମି. ଯିବାକୁ ପଡୁଛି। ଅନ୍ୟପକ୍ଷରେ ଜଙ୍ଗଲି ଜୀବଜନ୍ତୁଙ୍କ ଭୟରେ ଅଭିଭାବକ ନିଜ ପିଲାଙ୍କୁ ବିଦ୍ୟାଳୟକୁ ଛାଡିବାକୁ ରାଜି ହେଉ ନ ଥିବାରୁ ପିଲାମାନେ ଅଧାରୁ ପାଠ ଛାଡି ଘରେ ବସି ରହୁଛନ୍ତି। ସେହିପରି ସରକାର ଯୋଗାଉଥିବା ରାଶନ ସାମଗ୍ରୀ ପାଇଁ ଗ୍ରାମବାସୀଙ୍କୁ ୧୦ କି.ମି. ଦୂର ମଞ୍ଚାଗାଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବା ପାଇଁ ପଡୁଛି। ରାଶନ ସାମଗ୍ରୀର ମୂଲ୍ୟ ଅପେକ୍ଷା ଗାଡ଼ି ଭଡ଼ା ଅଧିକା ଦେବାକୁ ପଡୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାର ପ୍ରତି ଗାଁକୁ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ପ୍ରଚାରପ୍ରସାର କରୁଥିବାବେଳେ ଛାରପଦର ଗ୍ରାମବାସୀ ଆଜି ବି ଅନ୍ଧାରରେ ଜୀବନ ଅତିବାହିତ କରୁଛନ୍ତି। କିଛିଦିନ ତଳେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନ ଅତି ତରବରିଆ ଭାବେ ଗାଁରେ ପ୍ରତି ଘରେ ସୋଲାର ଲାଇଟ ସଂଯୋଗ କରିଥିଲେ। ହେଲେ ତାହା ମଧ୍ୟ ଏବେ ଅଚଳ ଅବସ୍ଥାରେ ପଡି ରହିଛି। କେନ୍ଦ୍ର ସରକାର ଯୋଗାଉଥିବା କିରୋସିନ ବନ୍ଦ ରହିଥିବାରୁ ଗ୍ରାମବାସୀ ଡିବିରି ଆଲୁଅରୁ ମଧ୍ୟ ବଞ୍ଚିତ। ଗାଁରେ ଅନେକ ବିଧବା, ବୟସ୍କ ବ୍ୟକ୍ତି ବିଶେଷଙ୍କୁ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଗ୍ରାମବାସୀଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ଯୋଗୁ ଅଧିକାଂଶ ବାହାର ରାଜ୍ୟରେ ଦାଦନ ଖଟୁଥିବା ଦେଖିବାକୁ ମିଳିଛି। ଏହି ଗାଁର ଆର୍ଥିକ ସ୍ଥିତିର ଉନ୍ନତି ପାଇଁ ଉଦ୍ୟାନ ବିଭାଗ,ମୃତ୍ତିକା ସଂରକ୍ଷଣ ବିଭାଗ ଦୃଷ୍ଟିଦେଲେ ଅଞ୍ଚଳର ଆର୍ଥିକ ସ୍ଥିତିରେ ସୁଧାର ଆସିପାରିବେ ବୋଲି ଆଲୋଚନା ହେଉଛି। ତେଣୁ ଜିଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ମୌଳିକ ସୁବିଧା ଦେବାକୁ ଗାଁର ସନାଇ ସାନ୍ତା, ରଙ୍ଗ ସାନ୍ତା, ସନ୍ୟା କମାର, ପୋଦଲାମ କମାର, ନାୟନା କମାର, ସଲତା ସାନ୍ତା, ଗୁରୁ ସାନ୍ତା ପ୍ରମୁଖ ଦାବି କରିଛନ୍ତି। ଗ୍ରାମର ସମସ୍ୟା ସମ୍ପର୍କରେ ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାରୁ ଛାରପଦର ଓ କାଦବେଡ଼ା ଗ୍ରାମର ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ଚିଠି କରାଯାଇଛି, ଅଳ୍ପ ଦିନ ମଧ୍ୟରେ ସମାଧାନ ହୋଇଯିବ। ଅନ୍ୟାନ୍ୟ ସମସ୍ୟା ଗ୍ରାମକୁ ଯାଇ ଅନୁଧ୍ୟାନକଲା ପରେ ପଦକ୍ଷେପ ନେବେ ବୋଲି କହିଥିଲେ।

## ସରକାରୀ ଯୋଜନା ସାତସପନ

## ସଂକ୍ଷେପରେ

### ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଦିନ ମଦଦୋକାନ ବନ୍ଦ ଦାବି



ରାୟଗଡା, ୧୮।୧ (ଭାଗ୍ୟଶ୍ରୀ ମିଶ୍ର)

ଆସନ୍ତା ୨୨ ତାରିଖରେ ଅଯୋଧ୍ୟରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା କରାଯିବ। ରାମ ଭକ୍ତଙ୍କ ଦ୍ୱାରା ପବିତ୍ର ଅକ୍ଷତ, ନିମନ୍ତ୍ରଣ ପତ୍ର, ଅଯୋଧ୍ୟାର ଭବ୍ୟ ମନ୍ଦିରରେ ତୈଳଚିତ୍ରକୁ ଘର ଘର ପହଞ୍ଚାଇବା କାମ ଚାଲିଛି। ଜିଲାରେ ସେଦିନ ସମସ୍ତ ମଦଦୋକାନ ବନ୍ଦ କରାଯିବାକୁ ରାୟଗଡ଼ା ସହରରେ ଥିବା ରାମ ନବମୀ ଉତ୍ସବ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ଗୁରୁବାର କମିଟି ତରଫରୁ ସମ୍ପାଦକ ଅଜୟ ବୁଲେଟଙ୍କ ନେତୃତ୍ୱରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି । ଅଯୋଧ୍ୟାର ଭବ୍ୟ ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ଦିନ ଜିଲାରେ ସମସ୍ତ ମଦଦୋକାନ ବନ୍ଦ କରାଯିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଜାରି କରିବା ପାଇଁ କମିଟି ତରଫରୁ ଦାବିପତ୍ରରେ ଅନୁରୋଧ କରାଯାଇଛ। ଜିଲାପାଳଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ମାଧ୍ୟମରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଉକ୍ତ ଦାବିପତ୍ର ଦେବା ସମୟରେ କମିଟି ତରଫରୁ ଶ୍ୟାମକୁମାର ଦାଶ, ବିଦ୍ୟାଭୂଷଣ ପଣ୍ଡା, ମଞ୍ଜୁଳା ମିନିଆକା, ଗୌର ଚନ୍ଦ୍ର ନାୟକ, ପି. କ୍ରିଷ୍ଣା, ବିଜୟ ବୁଲେଟ, ଅଜୟ ଆସରାନୀ, ବିଷ୍ଣୁ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଥାଉକି, କେନ୍ଦ୍ରାପଡ଼ା ଜିଲାରେ ମନ୍ଦିର ପ୍ରତିଷ୍ଠା ଦିନ ସମସ୍ତ ମଦଦୋକାନ ବନ୍ଦ କରିବାକୁ ଜିଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି ।

### ପଦ୍ମଶ୍ରୀ ଶାନ୍ତି ଦେବୀଙ୍କ ଶ୍ରାଦ୍ଧବାର୍ଷିକୀ

ଗୁଣପୁର,୧୮।୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ସେବା ସମାଜ ପରିସରରେ ପଦ୍ମଶ୍ରୀ ଶାନ୍ତି ଦେବୀଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ସେବା ସମାଜର ସମସ୍ତ ଅନ୍ତେବାସୀ ଯୋଗଦେଇଥିଲେ। ସେବା ସମାଜର ସଭାପତି ମାୟା ଶବର ସଭାକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ।



ସର୍ବଧର୍ମ ପ୍ରାର୍ଥନା ଦ୍ୱାରା ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସେବା ସମାଜର ସମସ୍ତ କର୍ମୀ ଏବଂ ଅନ୍ତେବାସୀ ଉପସ୍ଥିତ ରହି ତାଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କର ସଂକ୍ଷିପ୍ତ ଜୀବନୀ ପୁସ୍ତକ ସୁଧାମୟୀ ଶାନ୍ତିଦେବୀ ଉପରେ ଆଲୋଚନା କରାଯାଇଥିଲା । ସେ ସଦାସର୍ବଦା ନିଜକୁ ଅନ୍ୟର ସାହାଯ୍ୟ ପାଇଁ ଉତ୍ସର୍ଗୀକୃତ କରି ଭାବରେ ସେବା କରିବାକୁ ଭଲ ପାଉଥିଲେ। ତାଙ୍କର ତ୍ୟାଗ ଓ ସମାଜ ସେବା ସଦା ସର୍ବଦା ଆମ ଭିତରେ ଅମର ହୋଇରହିବ ବୋଲି ମତ ପ୍ରକାଶ ପାଇଥିଲା । ସେବା ସମାଜର ଅନ୍ତେବାସୀ ବିଦ୍ୟୁତ୍‌ସ୍ମିତା ଶବର ଓ ହେମାବତୀ ଶବର ତାଙ୍କ ପ୍ରିୟ ଭଜନ ଗାଇ ସଭା ସମାପ୍ତ କରିଥିଲେ। ସମ୍ପାଦିକା ରାଜେଶ୍ୱରୀ ଦଳେଇ ସଭା ପରିଚାଳନା କରିଥିଲେ ଏବଂ ସମସ୍ତେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣକରି ପ୍ରାର୍ଥନା କରିଥିଲେ।

# ରାୟଗଡ଼ାରୁ ଗଡ଼ିଲା ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍

ରାୟଗଡ଼ା,୧୮।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସମେତ ୧୨ଟି ଜିଲାରେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଗୁରୁବାର ଶୁଭାରମ୍ଭ ହୋଇଛି ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍। ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବସ୍‌ସେବାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଉପସ୍ଥିତ ଥିଲେ। ଓଡ଼ିଶା ରାଜ୍ୟ ପରିବହନ ନିଗମ ପକ୍ଷରୁ ଏହି ବସ୍ ସେବା ପରିଚାଳନା କରାଯିବ। ଗୁରୁବାର ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି, ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଉପଜିଲାପାଳ କଲ୍ୟାଣୀ



ବସ୍ ଶୁଭାରମ୍ଭ ସମୟରେ ଉପସ୍ଥିତ ଅତିଥିମାନେ ।

ସଂଘମିତ୍ରା ଦେବୀ, ଏଏସ୍‌ପି ବିଷ୍ଣୁପ୍ରସାଦ ପାତ୍ର ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହାପରେ ସମସ୍ତ ଅତିଥି ବସ୍‌ରେ ଚଢ଼ି ବସ୍‌ଷ୍ଟାଣ୍ଡକୁ ଯାଇଥିଲେ।

ମିଳିଥିବା ସୂଚନା ଅନୁସାରେ ପ୍ରଥମ ଦିନରେ ୪ଜଣ ପୁରୁଷ ଯାତ୍ରୀ ଟିକେଟ କାଟି ବସ୍‌ରେ ପୁରୀ ଅଭିମୁଖେ ଯାତ୍ରା କରିଥିବା ଓଏସ୍‌ଆର୍‌ଟିସି ପକ୍ଷରୁ ସୂଚନା ମିଳିଛି। ଅନ୍ୟ ଗୋଟିଏ ବସ୍ ରାୟଗଡ଼ା ନ ଆସିବା ପର୍ଯ୍ୟନ୍ତ ଦିନେ ଛଡ଼ା ଦିନେ ବସ୍ ରାୟଗଡ଼ାରୁ ପୁରୀ ଗଡ଼ିବା ନେଇ ଆର୍‌ଟିଓ ଶିବଶଙ୍କର ଚୌଧୁରୀ ସୂଚନା ଦେଇଛନ୍ତି । ରାୟଗଡ଼ାରୁ ପ୍ରତିଦିନ ସନ୍ଧ୍ୟା ୭ଟା

### ପ୍ରଥମ ଦିନରେ ୪ ଯାତ୍ରୀ ଗଲେ ପୁରୀ

୪୫ମିନିଟ୍‌ରେ ରାୟଗଡ଼ାରୁ ବାହାରି ସକାଳ ୫ଟା ୪୦ମିନିଟ୍‌ରେ ପୁରୀରେ ପହଞ୍ଚିବ । ସେହିପରି ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ପୁରୀରୁ ରାତି ୮ଟାରେ ବାହାରି ସକାଳ ୫ଟାରେ ରାୟଗଡ଼ାରେ ପହଞ୍ଚିବ ବୋଲି ଆର୍‌ଟିଓ ଚୌଧୁରୀ ସୂଚନା ଦେଇଛନ୍ତି। ଏହି ବସ୍‌ସେବା ଯୋଗୁ ରାୟଗଡ଼ା ଜିଲାର ଶ୍ରଦ୍ଧାଳୁମାନେ ପୁରୀ ଧାମକୁ ଦର୍ଶନ ପାଇଁ ସୁବିଧା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବସ୍‌ଟି ସମ୍ପୂର୍ଣ୍ଣ ଏୟାର କଣ୍ଡିସନ ଯୁକ୍ତ ପୁଶ୍‌ବ୍ୟାକ ସିଟ୍ ରହିଛି। ରାୟଗଡ଼ାରୁ ପୁରୀ ପର୍ଯ୍ୟନ୍ତ ଯାତ୍ରୀ ପିଛା ୧୦୯୩ ଟଙ୍କା ଟିକେଟର ଦାମ୍ ରହିଛି। ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ପାଇଁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ବାଳିକା ଶିକ୍ଷା ବୃଦ୍ଧି ନେଇ ପିରାମଲ ଫାଉଣ୍ଡେଶନ ପକ୍ଷରୁ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ ।

ରାୟଗଡ଼ା,୧୮।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଏକ ଆକାଂକ୍ଷା ଜିଲା ଭାବେ ଜାତୀୟସ୍ତରରେ ସମ୍ମାନିତ ହୋଇଛି । ଜିଲାରେ ଶିକ୍ଷାର ପ୍ରଗତି ହେଲେ ଅନ୍ୟ କ୍ଷେତ୍ରରେ ବିକାଶ ଲକ୍ଷ୍ୟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏଥିପ୍ରତି ଅଧିକ ଗୁରୁତ୍ୱ ଦେଉଛନ୍ତି। ଜିଲାରେ ବାଳିକା ଶିକ୍ଷା ସମେତ ସ୍ୱାସ୍ଥ୍ୟ, କୃଷିକୁ ନେଇ ଗୁରୁବାର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ନୀତି ଆୟୋଗର ପ୍ରତିନିଧି ଭାବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିରାମଲ ଫାଉଣ୍ଡେଶନ ତରଫରୁ ଏହାର ଆୟୋଜନ ହୋଇଥିଲା। କର୍ମଶାଳାରେ ମତପ୍ରକାଶ ପାଇଥିଲା ଯେ, ଜିଲାର ଶିକ୍ଷାର ପ୍ରଗତି ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗ୍ରାମାଞ୍ଚଳରେ ୭୦ ପ୍ରତିଶତ ଲୋକଙ୍କ ଉପରେ ଖବରକାଗଜ ପ୍ରଭାବ ପକାଇଥାଏ। ମୁଖ୍ୟତଃ ଆଞ୍ଚଳିକ ଭାଷାର ଖବରକାଗଜ ସକାରାତ୍ମକ ଖବର ପ୍ରକାଶିତ କଲେ ତାହାର ପ୍ରଭାବ ପଡ଼ିଥାଏ। ଇଣ୍ଟରନେଟ୍‌ର ପ୍ରଭାବ ଗାଁ ଲୋକଙ୍କ ଉପରେ ନାହିଁ ବୋଲି କର୍ମଶାଳାରେ ସୂଚନା ମିଳିଛି। ବର୍ତ୍ତମାନ ପିରାମଲ ଫାଉଣ୍ଡେଶନ ବାଳିକା ଶିକ୍ଷା କ୍ଷେତ୍ରରେ ପଦ୍ମପୁର ଓ ମୁନିଗୁଡ଼ା ବ୍ଲକରେ କାର୍ଯ୍ୟ କରୁଛି । ଗୋଷ୍ଠୀ ବିକାଶ ପାଇଁ କୋଲନରା, ରାୟଗଡ଼ା, ବିଷମକଟକ ଓ ଗୁଣପୁର ବ୍ଲକର ୪୦ ପଞ୍ଚାୟତରେ କାର୍ଯ୍ୟ ଆରମ୍ଭ ହେବ। ଆଜିର କର୍ମଶାଳାରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ପିରାମଲ ଫାଉଣ୍ଡେଶନର ଏସ୍‌ପିଡି ସଞ୍ଜୟ ସିଂ ପ୍ରମୁଖ ଯୋଗଦେଇଥିଲେ। କର୍ମଶାଳାକୁ ରାୟଗଡ଼ା ସିନିୟର ପ୍ରୋଗ୍ରାମ ମ୍ୟାନେଜର ଜୟ ଡାନିଆଲ ପ୍ରଧାନ ଓ ବିଏନ୍ ଦୁର୍ଗା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫାଉଣ୍ଡେଶନର ନରେଶ ଶର୍ମା, ଶୁଭ୍ରା ସାହୁ, ଶାରଦା ପ୍ରସାଦ, ଗାନ୍ଧୀ ଫେଲୋଶିପ୍ ଅର୍ମାନ ଅଲି, କାଜଲ କୁମାରୀ, ମିତାଲି ରାଜ ଓ ସସ୍ମିତା ଉଲାକା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# କ୍ୟାଡର ପୁନର୍ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ରାୟଗଡ଼ା,୧୮।୧ (ଭାଗ୍ୟଶ୍ରୀ ମିଶ୍ର )

ରାୟଗଡ଼ା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟଠାରେ ଗୁରୁବାର ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ ଏକାଠି ହୋଇ ସେମାନଙ୍କ ନ୍ୟାଯ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଗୁରୁବାରଠାରୁ ସମୂହ ଛୁଟି ନେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପ୍ରାଣୀ ଚିକିତ୍ସା ସେବା ସଂଘ ତରଫରୁ ପ୍ରାଣୀ ଚିକିତ୍ସକଙ୍କ ଚାକିରି ନିୟମାବଳୀ ସମ୍ବନ୍ଧୀୟ କ୍ୟାଡର ପୁନର୍ଗଠନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାୟଗଡ଼ା ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି।

ନିଃଶୁଳ୍କ ପ୍ରାଣୀ ଚିକିତ୍ସା ସେବା, ୨୪ ଘଣ୍ଟିଆ ବିଶେଷଜ୍ଞ ସେବା, ରେଫରାଲ ସୁବିଧା ସେବା, ଦ୍ୱାରଦେଶରେ ଚିକିତ୍ସା ଇତ୍ୟାଦି ଦାବି କରୁଥିବାବେଳେ ପ୍ରାଣୀପାଳକଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ କରାଯାଇଛି । ଚାକିରି କ୍ଷେତ୍ରରେ ପଦୋନ୍ନତିର ସୁବିଧା ନ ଥିବାବେଳେ ଦୀର୍ଘ ୨୩ ବର୍ଷ ସେମାନଙ୍କୁ ଗୋଟିଏ ଦରମା ହାରରେ କାର୍ଯ୍ୟ କରିବାକୁ ପଡୁଛି । ପାଖାପାଖି ୪୦% ଅଧସ୍ତନ କର୍ମଚାରୀ ପଦବୀ ମଧ୍ୟ ଖାଲି ପଡିଥିବାରୁ ପ୍ରାଣୀ ଚିକିତ୍ସକଙ୍କ ଉପରେ



ଆନ୍ଦୋଳନରେ ଯୋଗ ଦେଇଥିବା ପ୍ରାଣୀ ଚିକିତ୍ସକ ।

### ଜିଲା ପ୍ରାଣୀ ଚିକିତ୍ସକଙ୍କ ସମୂହ ଛୁଟି

ଅଧିକ ଚାପ ପଡୁଥିବା ଅଭିଯୋଗ ହୋଇଛି। ସେଥିପାଇ ପଶୁପାଳନ ବିଭାଗର ସମ୍ପୂର୍ଣ୍ଣ ରୂପାନ୍ତରଣ ସହିତ ଆବଶ୍ୟକ କ୍ୟାଡର ପୁନର୍ଗଠନ ପାଇଁ ସଂଘ ବାରମ୍ବାର ଦାବି କରିଆସିଛି। ସେହିପରି ଶିକ୍ଷାଗତ ଓ ବୃତ୍ତିଗତ ସମାନତା ଆଧାରରେ ପଞ୍ଚମ, ଷଷ୍ଠ ଓ ସପ୍ତମ ବେତନ କମିଶନ ସାଧାରଣ ବର୍ଗ ଡାକ୍ତର ଓ ପ୍ରାଣୀ ଚିକିତ୍ସକଙ୍କ ପାଇଁ ସମାନ ଦରମା ଓ ପଦୋନ୍ନତି ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଯୋଗୁ ଜିଲାର ୧୧ଟି ବ୍ଲକର ୧୬ଟି ପ୍ରାଣୀ ଚିକିତ୍ସାଳୟରେ ଗୃହପାଳିତ ପଶୁପକ୍ଷୀଙ୍କର ଚିକିତ୍ସା, କୃତ୍ରିମ ପ୍ରଜନନ ଓ ରାଜ୍ୟ ସରକାଙ୍କର ବିଭିନ୍ନ ରିହାତି ଯୋଜନାମାନ ପ୍ରଭାବିତ ହେବ। ତେଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟିଦେବା ପାଇଁ ସାଧାରଣରେ ଦାବି ହେଉଛି। ଦାବି ପୂରଣ ନ ହେବ ପର୍ଯ୍ୟନ୍ତ ଡାକ୍ତରମାନେ ସାମୂହିକ ଛୁଟିରେ ରହିବେ ବୋଲି ଡା. କୃଷ୍ଣନନ୍ଦ ବେହେରା କହିଛନ୍ତି ।

### ବିକଳ୍ପ ପକ୍ଷରୁ ପଢ଼ିବା, କହିବା କାର୍ଯ୍ୟକ୍ରମ

ରାୟଗଡା,୧୮।୧(ଆଶିଷ ରଞ୍ଜନ ପଣ୍ଡା)

'ବିକଳ୍ପ' ଆମ ମାଟି ଆମ ସଂକଳ୍ପ ଉଦ୍ୟମରେ ରାୟଗଡ଼ ବ୍ଲକର କୋଡାପାଡ଼ି ଗ୍ରାମର ୪୫ ଛାତ୍ରୀଛାତ୍ରଙ୍କୁ ନେଇ ସୃଜନୀ କାର୍ଯ୍ୟକ୍ରମ 'ପଢ଼ିବା ଓ କହିବା' ଅନୁଷ୍ଠିତ ହୋଇଛି। ପିଲାମାନେ ନିଜ ପସନ୍ଦର କିଛି ଶବ୍ଦ ନେଇ ତା ବିଷୟରେ କିଛି ମନର କଥା କହିଥିଲେ । କିଛି ପିଲା ପାରମ୍ପରିକ ଗପ କହିଥିବାବେଳେ, କିଛି ପିଲା ଗୀତ ଗାଇଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପିଲାଙ୍କ ଭିତରେ ଥିବା ଉତ୍ସାହ ତଥା ସୃଜନଶୀଳତା ପରିଲକ୍ଷିତ ହୋଇଥିଲା। ବିକଳ୍ପର ସମ୍ପାଦକ ଜଗଦୀଶ ଚନ୍ଦ୍ର ଦୋରା ତଥା ସଦସ୍ୟ ରବି ଶତପଥୀ ଯଥାକ୍ରମେ ଗପ ଏବଂ ଗୀତ ଗାଇ କୁନି କୁନି ପିଲାଙ୍କୁ ନୃତ୍ୟରେ ବିଭୋର



କରିଥିଲେ । ସଂଗଠନର ସଭାପତି ତଥା ଶିକ୍ଷାବିତ ଡ. ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେ ପିଲାମାନଙ୍କୁ ଶୃଙ୍ଖଳିତ ଜୀବନଯାପନ କରିବାପାଇଁ ମାର୍ଗଦର୍ଶନ କରିଥିଲେ । ଦକ୍ଷତା ଲୁକ୍କାୟିତ ଅବସ୍ଥାରେ ଥାଏ, ସୁବିଧା ସୁଯୋଗ ପାଇଲେ ତାହା ପ୍ରକାଶିତ ହୋଇଥାଏ, ଏଣୁ ଛାତ୍ରୀଛାତ୍ରଙ୍କ ଭିତରେ ଥିବା ଦକ୍ଷତାର ବିକାଶ ଏବଂ ପ୍ରକାଶ ପାଇଁ 'ବିକଳ୍ପ' ଅନୁଷ୍ଠାନ କାର୍ଯ୍ୟ କରୁଥିବା ଡ. ମହାନ୍ତି କହିଥିଲେ। ଶେଷରେ ପିଲାମାନଙ୍କୁ ଫଳ, ବିସ୍କୁଟ ତଥା ପଠନ ଲିଖନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିକଳ୍ପର ସମ୍ପାଦକ ଜଗଦୀଶ ଚନ୍ଦ୍ର ଦୋରା ପରିଚାଳନା କରିଥିଲେ। ଡ. ଶଶିଭୂଷଣ ପଟ୍ଟନାୟକ, ଡ. ବିନୋଦ କୁମାର ପାତ୍ର, ଡ.ଅର୍ଚ୍ଚନା ପଟ୍ଟନାୟକ, ସୁଶାନ୍ତ କୁମାର ନାୟକ, ବିପିନ ବିହାରୀ ବିଶ୍ୱାଳ, କୃଷ୍ଣପ୍ରିୟା ସାହାଣୀ, ସନ୍ଧ୍ୟାରାଣୀ ପାତ୍ର, ରବି ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ ।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭଖୁଣ୍ଟି ସ୍ଥାପନ



ଶୁଭଖୁଣ୍ଟି ସ୍ଥାପନ ପାଇଁ ପୂଜାର୍ଚ୍ଚନା କରାଯାଉଛି ।

ଗୁଡାରି, ୧୮।୧ (ପ୍ରମୋଦ କୁମାର ପତି )

ରାୟଗଡ଼ା ଜିଲା ଗୁଡାରିର ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମନ୍ଦିର ପ୍ରତିଷ୍ଠା ନିମନ୍ତେ ବୁଧବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଆସନ୍ତା ଫେବୃଆରୀ ୧୩ରୁ ୧୯ ତାରିଖ ପର୍ଯ୍ୟନ୍ତ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ୧୬ରେ ମନ୍ଦିରର ରତ୍ନମୁଦ ସ୍ଥାପନ ହେବ ଏବଂ ୧୯ ତାରିଖରେ ଗର୍ଭଗୃହରେ ଭଗବାନ ପ୍ରବେଶ କରିବେ । ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ କମିଟି ସଦସ୍ୟ, ସହରର ଜଗନ୍ନାଥ ଭକ୍ତ ଓ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ରାଜ ପୁରୋହିତ ରାମପ୍ରସାଦ ରଥ, ଲଡୁକିଶୋର ରଥ, ସତ୍ୟପୀର ମହାପାତ୍ର ଓ ଉଦ୍ଧବ ମହାପାତ୍ର ପୂଜା କାର୍ଯ୍ୟ ସମାପନ କରିଥିଲେ। କର୍ତ୍ତା ଭାବେ ସଭାପତି ପ୍ରଭାକର ରଥ ଦାୟିତ୍ୱ ତୁଲାଇଥିଲେ ।

### ଜଗନ୍ନାଥ ସଂସ୍କୃତି, ଦର୍ଶନ ସମ୍ପର୍କିତ ଆଲୋଚନାଚକ୍ର

ଗୁଣପୁର, ୧୮।୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଅଧୀନ ଆମ୍ବେଦକର ଜାତୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତମ୍ପସରାଠାରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗଙ୍କ ନିର୍ଦ୍ଦେଶକ୍ରମେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପରିପ୍ରେକ୍ଷୀରେ ନୂଆ ଓ ଯୋଜନା ମାଧ୍ୟମରେ ଜଗନ୍ନାଥ ସଂସ୍କୃତି ଓ ଦର୍ଶନକୁ ନେଇ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ଶାବର ସଂସ୍କୃତିର ପୃଷ୍ଠଭୂମିରେ ଶ୍ରୀଜଗନ୍ନାଥ ଶୀର୍ଷକ ପ୍ରବନ୍ଧ ଆଲୋଚନା କରାଯାଇଥିଲା । ଶୀର୍ଷକଟିକୁ ଅଧ୍ୟାପକ ଶେଷଶାୟୀ ସେନାପତି ରଚନା କରିବା ସହ ପାଠ କରିଥିଲେ। ଆଲୋଚକ ଭାବେ ସୀମାଞ୍ଚଳ କର, ତ୍ରିପତି ମହାନ୍ତି, ସଞ୍ଜୁକ୍ତା ତ୍ରିପାଠୀ ଯୋଗଦେଇ ଶବର ସମ୍ପ୍ରଦାୟ ହିଁ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରଥମ ସେବକ ବୋଲି କହିଥିଲେ । ଅଧ୍ୟାପକ ପ୍ରଶାନ୍ତ କୁମାର ହୋତା ଅତିଥି ପରିଚୟ ଦେଇଥିଲେ ଏବଂ ସନ୍ତୋଷ କୁମାର ହୋତା ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟକ୍ଷ ବିଦ୍ୟାଧର ନାହାକ ସଭାପତିତ୍ୱ କରିଥିଲେ । ଶେଷରେ ରାଜନୀତି ବିଜ୍ଞାନର ଅଧ୍ୟାପକ ନିଖିଳାସ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।



କାର୍ଯ୍ୟକ୍ରମରେ ତ୍ରିପତି ମହାନ୍ତି ମାର୍ଗଦର୍ଶନ କରୁଛନ୍ତି।

# ନବୀନ ଓଡ଼ିଶା-ସଶକ୍ତ ଓଡ଼ିଶା ଶୀର୍ଷକ ସଚେତନତା ଅଭିଯାନ

ବିଷମ କଟକ, ୧୮।୧(ବିଭୂତି ଭୂଷଣ ନାୟକ)

ବିଷମକଟକ ବ୍ଲକର ନିୟମଗିରିରେ ବସବାସ କରୁଥିବା ଆଦିମ ଜନଜାତି ଡଙ୍ଗରିଆ କନ୍ଧଙ୍କ ବିକାଶ ପାଇଁ ଅନୁସୂଚିତ ଜନଜାତି କଲ୍ୟାଣ ବିଭାଗ, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନବୀନ ଓଡ଼ିଶା-ସଶକ୍ତ ଓଡ଼ିଶା ଶୀର୍ଷକ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ପକ୍ଷରୁ କୁର୍ଲି, ଚାଟିକୋଣା ଅନ୍ତର୍ଗତ ସମସ୍ତ ଗ୍ରାମରେ ନବୀନ ଓଡ଼ିଶା-ସଶକ୍ତ ଓଡ଼ିଶା ଶୀର୍ଷକ ହୋର୍ଡିଂ ଓ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ଗତ ୧୧ତାରିଖରୁ କୁର୍ଲି ଗ୍ରାମ ପଞ୍ଚାୟତ ସରପଞ୍ଚ ସୁବାରଦିନି ୱାଡ଼କାଙ୍କ ଦ୍ୱାରା ପ୍ରଥମେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନ ପ୍ରଚାରପତ୍ର ବଣ୍ଟନ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସ୍ଥାନୀୟ ଗୋଷ୍ଠୀ ସମ୍ବଳ ବ୍ୟକ୍ତି, ଓପିଲିପିର କାର୍ଯ୍ୟକର୍ତ୍ତାଙ୍କ ପ୍ରତ୍ୟକ୍ଷ ସହଯୋଗରେ ସପ୍ତାହକ ମଧ୍ୟରେ ସବୁ ଗ୍ରାମରେ ହୋର୍ଡିଂ ଓ ଘରେ ଘରେ ଉକ୍ତ ପ୍ରଚାରପତ୍ର ବଣ୍ଟନ ସରିଥିବା ଦେଖିବାକୁ ମିଳିଛି। ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଜଗତ ଜୀବନ ବର୍ଗତ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଓଡ଼ିଶା ଆଦିମ ଜନଜାତି ସଶକ୍ତୀକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମର ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜଗବନ୍ଧୁ ମେହେର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସିଦ୍ଧାର୍ଥ ସ୍ୱାଇଁ, ଓପିଲିପି କର୍ମକର୍ତ୍ତା ସତ୍ୟ ନନ୍ଦ, ତପନ ନାୟକ, ସ୍ୱରୂପା ପଟ୍ଟନାୟକ, ନମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।



ନିୟମଗିରିସ୍ଥିତ ଡଙ୍ଗରିଆ କନ୍ଧଙ୍କୁ ନବୀନ ଓଡ଼ିଶା-ସଶକ୍ତ ଓଡ଼ିଶା ଯୋଜନା ସମ୍ପର୍କରେ ସଚେତନ କରାଯାଉଛି।

# ଅଭିଯୁକ୍ତ ଶିକ୍ଷକ ଗିରଫ, ଦେଢ଼ଲକ୍ଷ ଜବତ

ବଲାଙ୍ଗୀର,୧୮।୧(ବୀରେନ୍ଦ୍ର କୁମାର ଝାଙ୍କର)

ଜାଲ୍ ନିଯୁକ୍ତି ପତ୍ର ର୍ୟାକେଟ ଉପରୁ ପରଦା ହଟାଇଛି ବଲାଙ୍ଗୀର ଟାଉନ୍‌ଥାନା ପୋଲିସ। ଭୁବନେଶ୍ୱରରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଏହାର ଚେର ଲମ୍ବିଛି। ଏହି ର୍ୟାକେଟରେ ସମ୍ପୃକ୍ତ ରାୟଗଡ଼ା ଜିଲା ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ରାୟଗଡା ଜିଲା ଗୁଣୁପୁର ଥାନା ନିଲମଗୁଡା ଗାଁର ବୃନ୍ଦାବନ ମିନାକା (୫୩)। ତାଙ୍କଠାରୁ ଦେଢ଼ଲକ୍ଷ ନଗଦ ଟଙ୍କା ଏବଂ ଏକ ମୋବାଇଲ ଜବତ କରାଯାଇଛି। ଜାଲ୍ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନିଯୁକ୍ତି ପତ୍ର ଦେଇ ସେ ଜଣେ ଆଶାୟୀ ଯୁବତୀଙ୍କ ପିତାଙ୍କଠାରୁ ୧୩ ଲକ୍ଷ ୪୦ହଜାର ଟଙ୍କା ନେଇଥିଲେ। ବଲାଙ୍ଗୀର ସଦର ଏସ୍‌ଡିପିଓ ତୋଫାନ୍ ବାଗ ଗୁରୁବାର ଟାଉନ୍‌ଥାନାରେ ଏକ ଖବରଦାତା ସମ୍ମିଳନୀ କରି ଘଟଣା ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି। ଗତ ୧୬ ତାରିଖରେ ରାୟଗଡା ଜିଲା କଲ୍ୟାଣସିଂପୁର ଥାନା ଜଗନ୍ନାଥପୁର ଗାଁର ଅନନ୍ୟା ପରିଚ୍ଛା ନାମ୍ନୀ ଜଣେ ଯୁବତୀ ଏକ ନିଯୁକ୍ତିପତ୍ର ଧରି ବଲାଙ୍ଗୀର ଜିଲା ମଙ୍ଗଳ ଅଧିକାରୀ (ଡ଼ିକ୍ଲୁଓ)ଙ୍କ କାର୍ଯ୍ୟାଳୟକୁ ଆସି ତୁଷୁରା ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାବେ ଯୋଗଦେବାକୁ ଆସିଥିଲେ। ନିଯୁକ୍ତି ପତ୍ର ଦେଖିବା ପରେ ବଲାଙ୍ଗୀର ଜିଲାରେ ଗୁଡଭେଲା ବ୍ଲକ୍ ରହିଥିବାବେଳେ ତୁଷୁରା ବ୍ଲକ୍ କିଭଳି ଲେଖାଗଲା ବୋଲି ଜିଲା ମଙ୍ଗଳ ଅଧିକାରୀଙ୍କ କର୍ମଚାରୀମାନେ ସନ୍ଦେହ ହେବାରୁ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରି ଯୁବତୀଙ୍କୁ ଅଟକ ରଖି ପଚରାଉଚୁରା କରିଥିଲା।

# ଉପାନ୍ତ ଅଞ୍ଚଳରେ ରୋଗୀସେବା ବାଧାପ୍ରାପ୍ତ

ଗୁଡାରି,୧୮।୧ (ପ୍ରମୋଦ କୁମାର ପତି )

ରାୟଗଡ଼ା ଜିଲା ଗୁଡାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବା ମୋବାଇଲ ହେଲ୍‌ଥ ୟୁନିଟ୍ ଗାଡି ଗତ ୧ ତାରିଖରୁ ଖରାପ ଅଛି। ଇତିମଧ୍ୟରେ ଦୀର୍ଘ ୧୫ଦିନ ବିତିଯାଇଥିଲେ ମଧ୍ୟ ଏହି ଗାଡି ମରାମତି ହୋଇ ନ ଥିବାରୁ ଉପାନ୍ତ ଅଞ୍ଚଳରେ ରୋଗୀସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ, ପ୍ରତି କାର୍ଯ୍ୟ ଦିବସରେ ବିଭାଗୀୟ ଡାକ୍ତରୀ ଟିମ୍ ମୋବାଇଲ ହେଲ୍‌ଥ ୟୁନିଟ୍ ଗାଡ଼ିରେ ବ୍ଲକର ବିଭିନ୍ନ ଉପାନ୍ତ ଅଞ୍ଚଳ ଗସ୍ତକରି ରୋଗୀ ସେବା ଯୋଗାଇ ଦେଉଥିଲେ।

### ଗୁଡାରି ମେଡିକାଲର ମୋବାଇଲ ହେଲଥ ୟୁନିଟ୍ ଗାଡି ଅଚଳ

ବିଶେଷକରି ବୟସ୍କ ଓ ରୋଗାକ୍ରାନ୍ତ ବ୍ୟକ୍ତି ନିଜ ଘରେ ବସି ରୋଗୀସେବା ପାଉଥିଲେ। ଏହାଛଡ଼ା ଏହି ମୋବାଇଲ ହେଲ୍‌ଥ ୟୁନିଟ୍ ଡାକ୍ତରୀ ଟିମ୍ ଗୁଡ଼ାରିର ଉପାନ୍ତ ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବାରୁ ଅଞ୍ଚଳରେ ମଧ୍ୟ ଏହି ଟିମର ଲୋକପ୍ରିୟତା ଅଛି। ଦୁଃଖର ବିଷୟ ଏହି ଗାଡି ଦୀର୍ଘ ଦିନ ହେଲା ଖରାପ ହୋଇଥିଲେ ମଧ୍ୟ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଗାଡି ମରାମତି ନିମନ୍ତେ କୌଣସି ପଦକ୍ଷେପ ନେଉନାହାନ୍ତି। ଫଳରେ ଗୁଡାରିର ବହୁ ଉପାନ୍ତ ଅଞ୍ଚଳରେ ରୋଗୀସେବା ପ୍ରଭାବିତ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ମେଡିକାଲ ଅଧିକାରୀ ଡାକ୍ତର ଅରୂପାନନ୍ଦ ବେହେରାଙ୍କୁ ପଚାରିବାରୁ, ଗତ ୧ ତାରିଖରୁ ଗାଡି ଖରାପ ଅଛି, ମରାମତି ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାହୋଇଛି। ଏହି ଗାଡି ଖରାପ ଥିବାରୁ ଉପାନ୍ତ ଅଞ୍ଚଳରେ ରୋଗୀ ସେବା ଦିଆ ଯାଇପାରୁନାହିଁ। ଖୁବ୍‌ଶୀଘ୍ର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏ ଦିଗରେ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ରାୟଗଡ଼ା ସହରରେ ବଢୁଛି ଚୋରି

ରାୟଗଡ଼ା,୧୮।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରରେ ଗତ କିଛି ମାସ ହେବ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ଗୋଟିଏ ଦିନରେ ଦୁଇଟି ଚୋରି ଘଟଣା ସାମ୍ନାକୁ ଆସିଛି। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ରହିଥିବା ଏକ ସ୍ପେୟାର ପାର୍ଟସ ଦୋକାନରୁ ଚୋରି ହୋଇଥିବାବେଳେ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା କାର୍ ଡୋର କାଚ ଭାଙ୍ଗି ଚୋରି ହୋଇଥିବା ଜଣାପଡ଼ିଛି । ଏ ନେଇ ଏତଲା ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବି.ଜୟବର୍ଦ୍ଧନଙ୍କ



କାର୍ କାଚ ଭାଙ୍ଗି ଚୋରି ।

ପ୍ରକାଶ ଟ୍ରେଡର ନାମକ ଏକ ହିରୋ କମ୍ପାନୀ ସ୍ପେୟାର ପାର୍ଟସ ଦୋକାନ ରହିଛି । ଉକ୍ତ ଦୋକାନ ମକର ସଂକ୍ରାନ୍ତି ଓ ପୋଙ୍ଗଲ ଉପଲକ୍ଷେ ସୋମବାରଠାରୁ ବନ୍ଦ ରହିଥିଲା । ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଦୋକାନ ପାର୍ଶ୍ୱରେ ଥିବା ଏକ ଝରକା ଭାଙ୍ଗି ଭିତରେ ପଶି ତଳ ଓ ଉପର ମହଲାର ଅଫିସ ଚାମ୍ବର ତାଲା ଭାଙ୍ଗି ଚୋରି କରିନେଇଛନ୍ତି । ଗୁରୁବାର ସକାଳେ କର୍ମଚାରୀ ଦୋକାନ ଖୋଲିବା ସମୟରେ ଝରକା ଭଙ୍ଗାଯାଇଥିବା ଦେଖି ଜୟବର୍ଦ୍ଧନଙ୍କୁ ଫୋନ୍‌ରେ ଜଣାଇଥିଲେ। ପରେ ଜୟବର୍ଦ୍ଧନଙ୍କ ବାପା ସେଠାକୁ ଆସି ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳକୁ ଆସି ତଦନ୍ତକରି ଫେରିଛି। ଜୟବର୍ଦ୍ଧନ ଗାଁକୁ ଯାଇଥିବାରୁ ସେ ଫେରିବା ପରେ କ'ଣ ସବୁ ଚୋରି ହୋଇଛି ତାହା ଜଣାପଡ଼ିବ ବୋଲି ତାଙ୍କ ବାପା ସୂଚନା ଦେଇଛନ୍ତି । ସେହିଭଳି ମୁନିଗୁଡ଼ାର ଦୋଳମଣି ସାହୁ ଓ ଗଣେଶ୍ୱର ସାହୁ କୌଣସି ଏକ ଶୁଭ କାର୍ଯ୍ୟର ନିମନ୍ତ୍ରଣ ପତ୍ର ବାଣ୍ଟିବା ପାଇଁ ଜୟପୁର ଯାଇଥିଲେ । ସେଠାରୁ ଫେରିବା ବାଟରେ ଦିନ ୧ଟା ସମୟରେ ରାୟଗଡ଼ା ଶ୍ରଦ୍ଧା ଶ୍ରୀକ୍ଷେତ୍ରଠାରେ ପ୍ରସାଦ ସେବନ ପାଇଁ କାର୍ ବାହାରେ ପାର୍କ କରି ମନ୍ଦିର ଭିତରକୁ ଯାଇଥିଲେ । ତେବେ ୧ଟା ୩୦ ମିନିଟ୍‌ରେ ମନ୍ଦିର ଭିତରୁ ବାହାରିବା ବେଳେ କାର୍‌ର ଡାହାଣ ପାର୍ଶ୍ୱର ଡୋର କାଚ ଭାଙ୍ଗି ଭିତରେ ରହିଥିବା ଦୁଇଟି ବ୍ୟାଗ୍ ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ । ଏ ନେଇ ଏତଲା ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ସହରରେ ଦିନ ଦ୍ୱିପ୍ରହରରେ ମନ୍ଦିର ସାମ୍ନାରୁ ଏଭଳି ଚୋରିକୁ ସହରବାସୀ ଦୃଢ଼ ନିନ୍ଦା କରିଛନ୍ତି। ଚୋରି ରୋକିବା ପାଇଁ ପୋଲିସ ବ୍ୟାପକ ପଦକ୍ଷେପ ନେବା ଆବଶ୍ୟକ ବୋଲି ସହରବାସୀ ଦାବି କରିଛନ୍ତି ।

### ଜଗନ୍ନାଥ ମନ୍ଦିର ସମ୍ମୁଖରୁ କାର୍ କାଚ ଭାଙ୍ଗି ଚୋରି

**ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର**

ବୈପାରିଗୁଡା,(କଳ୍ପତରୁ ମହାନ୍ତି)-ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪୫୬ ଜଣ ନାମ ପଞ୍ଜୀକରଣ କରିଥିଲେ। ଡାକ୍ତରମାନଙ୍କ ଦ୍ୱାରା ପରୀକ୍ଷା କରାଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇ ଦେବା ବ୍ୟବସ୍ଥା କରାଯାଇଥିଲା। ୭ ଜଣ ଭିନ୍ନକ୍ଷମଙ୍କୁ ଜିଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଗୌରଭ ଶିବାଜୀ ଇସୱାର ଅତିଥି ରୂପେ ଯୋଗ ଦେଇ ଟ୍ରାଇ ସାଇକେଲ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ଅଧିକାରୀ କାର୍ତ୍ତିକ ପାଢୀ ପରିଚାଳନା କରିଲେ। ବହୁ ସ୍ୱେଚ୍ଛାସେବୀ, ଛାତ୍ରୀ ଛାତ୍ର , ଆଶା ଓ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଲୋକକଳା ମାଧ୍ୟମରେ ସରକାରୀ ଯୋଜନାର ପ୍ରଚାର ପାଇଁ କର୍ମଶାଳା



ନନ୍ଦପୁର, ୧୮।୧(ଶଙ୍କର ପୂଜାରୀ)

ସ୍ଥାନୀୟ କଳା ଓ କଳାକାରଙ୍କ ବିକାଶ ଲାଗି ସରକାର ନୂଆ ଯୋଜନା ପ୍ରଣୟନ କରିଛନ୍ତି। ପଞ୍ଚାୟତ ସ୍ତରରୁ କଳାକାରମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରଶିକ୍ଷଣ ଦେବା ସହ ସେମାନଙ୍କ ଦ୍ୱାରା ସରକାରଙ୍କ ବିଭିନ୍ନ ସରକାରୀ ଯୋଜନାର ଲୋକକଳା ମାଧ୍ୟମରେ ପ୍ରଚାରପ୍ରସାର କରିବାକୁ ଗୁରୁତ୍ୱାରୋପ କରୁଛନ୍ତି। ଏନେଇ ଗୁରୁବାର ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସର ବୈଠକ ଗୃହରେ ତିନିଦିନିଆ କର୍ମଶାଳା ଆରମ୍ଭ ହୋଇଛି। ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡିଓ ଦୁର୍ଗାପ୍ରସାଦ ଦୋରା, ସହକାରୀ ନିର୍ବାହୀଯନ୍ତ୍ରୀ ଝସକେତନ ବେହେରା, ଜିପିଇଓ ବେଦାନ୍ତ ମାଝି, ବିପିଏମ୍ ବିଚିତ୍ର ରାଉତ, ବ୍ଲକ କଳାକାର ସଂସ୍କୃତି ସମିତିର ଉପସଭାପତି ପ୍ରଫୁଲ୍ଲ ଖେମୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ପିଛା ୨ଟି ଗୋଷ୍ଠୀ ୨୩ ପଞ୍ଚାୟତର ୪୬ କଳାକାର ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ୧୫ଟି ଯୋଜନା ସମ୍ପର୍କରେ ଏହି ଗୋଷ୍ଠୀ କିପରି ଜନସାଧାରଣଙ୍କୁ ସଚେତନ କରିବେ ସେନେଇ ଗୀତ ଓ ବାର୍ତ୍ତାରେ କର୍ମଶାଳାରେ ଅଭ୍ୟାସ କରିବେ। କଳାକାରଙ୍କ ପାରିଶ୍ରମିକ ଓ ସଚେତନ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ପାଣ୍ଠି ବ୍ଲକ ଓ ପଞ୍ଚାୟତ ମାଧ୍ୟମରେ ପ୍ରଦାନ କରାଯିବ। ବ୍ଲକ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅର୍ଜ୍ଜୁନ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୪ ପୌରାଞ୍ଚଳର ୬୭ ମାଷ୍ଟର ଟ୍ରେନରଙ୍କୁ ନେଇ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

କୋରାପୁଟ,୧୮।୧(ଅମିତାଭ ବେହେରା)



ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

କୋରାପୁଟ ଜିଲାର ୪ ପୌରାଞ୍ଚଳର ମାଷ୍ଟର ଟ୍ରେନରମାନଙ୍କ ଦକ୍ଷତା ବିକାଶ କରାଇବା ଲକ୍ଷ୍ୟରେ ମୁକ୍ତା ଯୋଜନାରେ ଗୁରୁବାର ସ୍ଥାନୀୟ ଟାଉନ ହଲଠାରେ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା (ସୁଡା) ମୁକ୍ତା ଯୋଜନାର ରାଜ୍ୟସ୍ତରୀୟ ନୋଡାଲ ଏଜେନ୍ସି ଭାବରେ ଅନୁମୋଦିତ କାର୍ଯ୍ୟ ଯୋଜନା ତୃଣମୂଳ ସ୍ତରରେ ସଫଳ କାର୍ଯ୍ୟକାରିତା ଲାଗି ଏହି ଶିବିର ଆୟୋଜିତ ହୋଇଛଇ। ମିଶନ ଶକ୍ତି ଗୋଷ୍ଠୀ ସମୂହ ଏବଂ କୋରାପୁଟ ଜିଲାର ସୁନାବେଡା, ଜୟପୁର ଓ କୋରାପୁଟ ମ୍ୟୁନିସିପାଲିଟି ଓ କୋଟପାଡ ଏନଏସି ଆଦି ୪ ପୌରସଂସ୍ଥାର ୧୫୮୯ ଏସଏଚଜି ମଧ୍ୟରୁ ୬୭ ଏସଏଚଜିର ୬୭ ଜଣ ମାଷ୍ଟର ଟ୍ରେନର ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଛନ୍ତି। ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଦେବାଶିଷ ଗୌଡ ଏହି ଦୁଇ ଦିନିଆ ଶିବରର ଶୁଭାରମ୍ଭ କରି ଏହାର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଶିବିରରେ ପ୍ରଶିକ୍ଷକ ଭାବେ ଉପହାର ବେହେରା ଓ ପ୍ରଦୀପ ଗୟା ଯୋଗଦେଇ ମାଷ୍ଟର ଟ୍ରେନମାନଙ୍କୁ ମୁକ୍ତା ଯୋଜନାର କାର୍ଯ୍ୟକାରିତା ପଦ୍ଧତି, ମୁକ୍ତା ପ୍ରକଳ୍ପ ଚିହ୍ନଟିକରଣ ପ୍ରକ୍ରିୟା, ୱାକ୍ ଅର୍ଡର, ପ୍ରଦାନ କରାଯାଉଥିବା ଡକ୍ୟୁମେଣ୍ଟ,

**ମୁକ୍ତା ଯୋଜନାରେ ଉଦ୍‌ଘାଟିତ ହୋଇଛି ଶିବିର**

ମାଷ୍ଟର ରୋଲ, ବ୍ୟାଙ୍କ ଋଣ ପାଇଁ ଗୋଷ୍ଠୀର ଯୋଗ୍ୟତା ମାନଦଣ୍ଡ, ନିର୍ମାଣ କାର୍ଯ୍ୟର ମାପ ଏବଂ ଶ୍ରମିକମାନଙ୍କୁ ମଜୁରି ଦେୟ, ବିଲ ଓ ଦେୟ ରେକର୍ଡର ରକ୍ଷାବେକ୍ଷଣ ଆଦି ବିଭିନ୍ନ ବିଷୟରେ ତାଲିମ ପ୍ରଦାନ କରିଯିବ ବୋଲି କହିଥିଲେ। ଜିଲା ମିଶନ ଶକ୍ତି ସଂଯୋଜକ ଜୟକୃଷ୍ଣ ମହାପାତ୍ର, ଡିଆରଡିଏ ଓଏଲଏମ ସଂଯୋଜିକା ପ୍ରିୟମ୍ବଦା ବିଶୋୟୀ, ମ୍ୟୁନିସିପାଲିଟିର ମୁକ୍ତା ଯୋଜନାର କନିଷ୍ଠ ଯନ୍ତ୍ରୀ ସନ୍ତୋଷ ପାଣିଗ୍ରାହୀ, ସିଏମ୍ଏମ୍ୟୁ ମ୍ୟାନେଜର ଶଶିକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଷା, ସାହିତ୍ୟ ସହ ସୃଜନଶୀଳତାର ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜୟପୁର,୧୮।୧(ପବନ ପାଣିଗ୍ରାହୀ)

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ୟାମ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ ନାୟକ, ସମ୍ମାନିତ ଅତିଥି ଭାବେ ସେବା ନିବୃତ୍ତ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରାଇଥିଲେ। ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପ୍ରଧାନ ଶିକ୍ଷକ ମେହେର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ଅତିଥି ପରିଚୟ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ନରେଶ ଷଡ଼ଙ୍ଗୀ ,ସାହିତ୍ୟ ସୃଜନୀର ଶିକ୍ଷୟିତ୍ରୀ ପ୍ରଭାତୀ ପାଣିଗ୍ରାହୀ ନିଜ ବକ୍ତବ୍ୟ ରଖିଥିଲେ। ଦେବେନ୍ଦ୍ର ପାଢ଼ୀ, ଦୁର୍ଗାପ୍ରସାଦ ପାତ୍ର, ବିଶ୍ୱରଞ୍ଜନ ଗୌଡ଼, ତନବୀର ମହମ୍ମଦ, ଶୁଭସ୍ମିତା ସାହୁ, ବନିତା ଶତପଥୀ, ପପିତା ପ୍ରଧାନ, ରଶ୍ମିତା ନାହାକ, କଲ୍ୟାଣୀ ନାୟକ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରାହ୍ନରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ସାହିତ୍ୟ ସୃଜନୀ, କ୍ରୀଡ଼ା କ୍ଷେତ୍ରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# କଠିନ ପରିଶ୍ରମକରି ଭବିଷ୍ୟତ ଗଢ଼ିବାକୁ ପରାମର୍ଶ

ବୋରିଗୁମ୍ମା,୧୮।୧(ବିଜୟ ସାହୁ)

ବୋରିଗୁମ୍ମା ବ୍ଲକ ନୂଆଗାଁସ୍ଥିତ ସରକାରୀ (ଏସ୍ଏସ୍ଡି) ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଦନମୋହନ ନାୟକଙ୍କ ସଭାପତିତ୍ୱରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅର୍ଜ୍ଜୁନ ନାୟକ, ଆଇନଜୀବୀ ଅଶୋକ ଗନ୍ତାୟତ, ମୁଖ୍ୟବକ୍ତା ଭାବେ ଡ. ରଜତ ଷଡ଼ଙ୍ଗୀ ଯୋଗଦେଇ ଛାତ୍ରୀମାନଙ୍କୁ କଠିନ ପରିଶ୍ରମକରି ନିଜ ସୁନ୍ଦର ଭବିଷ୍ୟତ ଗଢ଼ିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ମୌସୁମୀ ଭତରା ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ଏନ୍. ରାଜେଶ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜେଶ ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଉକ୍ତ

**ନୂଆଗାଁ ବାଳିକା ଉଚ୍ଚ ବିଦ୍ୟାଳୟ, ବାର୍ଷିକ ଉତ୍ସବ**

ଅଞ୍ଚଳର ସାହିତ୍ୟ ସାଧକ ସୁବାସ ଚନ୍ଦ୍ର ହରିଜନଙ୍କୁ ସମ୍ମାନିତ କରାଯାଇଥିଲା। ଚଳିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ସଫଳତା ପାଇଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ଶିକ୍ଷକ ରାଜେଶ ନାୟକ ଏବଂ ଶ୍ରୀନିବାସ ପଣ୍ଡା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁପ୍ତେଶ୍ୱର ରାଉତ, ଭାସ୍କର ଶତପଥୀ, ଖାସ ରଞ୍ଜନ ଶବର, ଦିବ୍ୟ ଜ୍ୟୋତି ମଲିକ, କଳ୍ପତରୁ ହରିଜନ, ସୁଚିତ୍ରା ସାମଲ, ସୁଭାସିନୀ ସାହୁ, ରଶ୍ମିତା ପଣ୍ଡା ଏଏନ୍ଏମ୍ ରଶ୍ମିତା ସ୍ୱାଇଁ ଏବଂ ମାଟ୍ରନ ଜେମାମଣି ହରିଜନ ସହଯୋଗ କରିଥିଲେ।




ଉତ୍ସବରେ ଉପସ୍ଥିତ ଅତିଥି।

# ମହାବିଦ୍ୟାଳୟରେ ସାହିତ୍ୟ ପ୍ରତିଯୋଗିତା, ଆଲୋଚନାଚକ୍ର

ଦଶମନ୍ତପୁର, ୧୮।୧ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ରାଧାକୃଷ୍ଣ ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଗୁରୁବାର ନୂଆ ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଏବଂ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ତ୍ରିନାଥ ପାତିକାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ତଥା ସଂଯୋଜକ ସୁକାନ୍ତ ବାଣୁଆ, ଅଧ୍ୟାପକ ସରୋଜ ତୁଲ, ପତତପାବନ ସେନାପତି, ଆର୍ତ୍ତତ୍ରାଣ ଆଚାର୍ଯ୍ୟ, ଟି.ଅନିଲ ଦୋରା, ପର୍ଶୁରାମ ସାହୁଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ୨୦ ତାରିଖ ଯାଏ ଚାଲିବ। ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୋକନୃତ୍ୟ, ଏକକ ନୃତ୍ୟ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଏବଂ ଜଗନ୍ନାଥଙ୍କ ଭଜନ ଓ ସଂସ୍କୃତି ଉପରେ ଆଲୋଚନା ହୋଇଥିଲା। ପ୍ରବନ୍ଧ ଲିଖନ, ପାରମ୍ପରିକ ଗୀତ, ବ୍ୟାକରଣ, କବିତା ଲିଖନ, କ୍ଷୁଦ୍ରଗଳ୍ପ ରଚନା, ନାଟକ ରଚନା, କୁଇଜ ଓ ବକ୍ତୃତା, ସୁନ୍ଦର ହସ୍ତାକ୍ଷର ଆଦି ପ୍ରତିଯୋଗିତା ଆଗାମୀ ଦିନରେ ହେବ ବୋଲି ଅଧ୍ୟକ୍ଷ ପାତିକା କହିଛନ୍ତି।

# ଜେଏଲ୍‌ସିଙ୍କ ସହ ଶ୍ରମିକ ସଂଘର ଆଲୋଚନା

ଜୟପୁର,୧୮।୧(ପବନ ପାଣିଗ୍ରାହୀ)

**ସଂଘର ପ୍ରସ୍ତାବିତ ଧାରଣା ସ୍ଥଗିତ**

ସେବା କାଗଜକଳ ଶ୍ରମିକ ସଂଘ ଓ ଅବସରପ୍ରାପ୍ତ ଶ୍ରମିକମାନଙ୍କ ପ୍ରସ୍ତାବିତ ଧାରଣା ଯୁଗ୍ମ ଶ୍ରମ କମିଶନର (ଜେଏଲ୍‌ସି)ଙ୍କ ଅନୁରୋଧକ୍ରମେ ଗୁରୁବାର ସ୍ଥଗିତ ରଖାଯାଇଛି। ଯୁଗ୍ମ ଶ୍ରମ କମିଶନର ନରେନ୍ଦ୍ର ରାଇକାଙ୍କୁ ସଂଘ କର୍ମକର୍ତ୍ତା ଓ ଶ୍ରମିକମାନେ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। କାଗଜକଳ ମ୍ୟାନେଜମେଣ୍ଟ କୌଣସି ପ୍ରକାର ପ୍ରତିଶ୍ରୁତିକୁ ରକ୍ଷା କରୁନାହିଁ। ଶ୍ରମିକଙ୍କ ୪ମାସର ଦରମା ଆଜି ସୁଦ୍ଧା ବକେୟା ରଖିଛି। ଅବସରପ୍ରାପ୍ତ ଶ୍ରମିକମାନେ ଗ୍ରାଚ୍ୟୁଇଟି ବାବଦ ପ୍ରାପ୍ୟ ନେଇ କେସ୍ କଲେ ତାକୁ ଜାଣିଶୁଣି ମ୍ୟାନେଜମେଣ୍ଟ ଅଣଦେଖା କରି ବିଳମ୍ବ କରୁଛି ବୋଲି ସେମାନେ ଜେଏଲ୍‌ସିଙ୍କୁ ଆଲୋଚନା ବେଳେ ଅବଗତ କରାଇଥିଲେ। ତୁରନ୍ତ ସବୁ ୟୁନିୟନ ଓ ମ୍ୟାନେଜମେଣ୍ଟର ମିଳିତ ବୈଠକ ଡାକି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ସଂଘ ସଭାପତି ପ୍ରମୋଦ ମହାନ୍ତି ଜେଏଲ୍‌ସିଙ୍କୁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଜେଏଲ୍‌ସି ରାଇକା କହିଥିଲେ, ଗ୍ରାଚ୍ୟୁଇଟି କେସ୍ ତ୍ୱରାନ୍ୱିତ କରିବା ପାଇଁ ସେସବୁ ପଦକ୍ଷେପ ନେଉଛନ୍ତି। ଆସନ୍ତା ୩୦ରେ ଡିଏଲ୍‌ଓ ନିଜେ କାଗଜକଳକୁ ଯାଇ ସମସ୍ତ ବିଧି ବ୍ୟବସ୍ଥା ତଦନ୍ତ କରିବେ। ପରେ ଆବଶ୍ୟକ ପଡ଼ିଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ରାଇକା କହିଥିଲେ। ଆଲୋଚନାରେ ବନମାଳୀ ପାତ୍ର, ଅଲେଖ ପାତ୍ର, ଡିପି ଅଗସ୍ତି, ଅଜୟ ବଳ, ଆର୍. ଭେଙ୍କଟ, ହନୁମନ୍ତ ରାଓ, ଗୋବିନ୍ଦ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ।

### ୩ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୧୮।୧ (ପବନ ପାଣିଗ୍ରାହୀ)

୩ ଫେରାର ଅଭିଯୁକ୍ତଙ୍କୁ ଗୁରୁବାର ସଦର ପୋଲିସ ଗିରଫ କରିଛି। ସେମାନେ ହେଲେ ରଣ୍ଡାପାଲ୍ଲିର ରମେଶ ସୁଆର, ଲମତାଗୁଡାର ନରସିଂହ ହରିଜନ ଓ ସୁନାବେଡା ଥାନା ଅନ୍ତର୍ଗତ କାକିଗାଁର ହରି ଏଲିୟସ ହରିବନ୍ଧୁ ଖରା (୨୮)। ରଣ୍ଡାପାଲ୍ଲିର ରମେଶଙ୍କ ନାମରେ ୨୦୧୮ରୁ ଲମତାଗୁଡାର ନରସିଂହଙ୍କ ନାମରେ ୨୦୧୦ରୁ ଏବଂ କାକିଗାଁ ର ହରିବନ୍ଧୁଙ୍କ ନାମରେ ଖରା ୨୦୧୩ରୁ ସଦର ଥାନାରେ ଅପରାଧିକ ମାମଲା ରହିଥିଲା। ସେବେଠାରୁ ଏହି ୩ ଅଭିଯୁକ୍ତ ଫେରାରଥିଲେ। ଏବେ ସେମାନେ ନିଜ ଗ୍ରାମରେ ଥିବା ସୂଚନା ପାଇ ପୋଲିସ ଚଢାଉ କରି ସେମାନଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ବ୍ୟକ୍ତିତ୍ୱର ବିକାଶ କର, ତ୍ୟାଗକୁ ଆପଣାଅ

ସୁନାବେଡା,୧୮।୧(କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ପକ୍ଷରୁ ବୁଧବାରଠାରୁ ସ୍ୱତନ୍ତ୍ର ଶୀତକାଳୀନ ଶିବିର ଆରମ୍ଭ ହୋଇଛି। ଏହି ଶିବିର ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ପରିଚାଳନା ସମିତି ସଦସ୍ୟ ଶେଖ ଇବ୍ରାହିମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ କମ୍ୟୁନିଟି ସହ ଜଡ଼ିତ ହୋଇ ନିଜ ବ୍ୟକ୍ତିତ୍ୱର ବିକାଶ

**ଏନ୍ଏସ୍ଏସ୍ ପକ୍ଷରୁ ଶୀତକାଳୀନ ଶିବିର ଉଦ୍‌ଘାଟିତ**

କରିବାକୁ ଆହ୍ୱାନ ଦେଇଥିଲେ। ଅଧକ୍ଷା ଉଷାରାଣୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରକୃତ ସ୍ୱେଚ୍ଛାସେବୀ ଏବଂ ତ୍ୟାଗ କ'ଣ କାର୍ଯ୍ୟକ୍ରମ ଅଧିକାରୀ ରୂପେ ନିଜ ଜୀବନର ବିଭିନ୍ନ କାର୍ଯ୍ୟର ଉଦାହରଣ ଦେଇ ବୁଝାଇଥିଲେ। ଅନ୍ୟତମ ଅତିଥି ରୂପେ ଅଧ୍ୟାପକ ଡ. ବାସୁଦେବ ସାହୁ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀ ଲକ୍ଷ୍ମୀ ପ୍ରଧାନ, ଉଷା ବାଘ, ଖୁସି ଦାସ, ଶୁଭଶ୍ରୀ ମହାନ୍ତି ପ୍ରମୁଖ ଏନ୍ଏସ୍ଏସ୍‌ରେ ଯୋଗଦାନ ପରେ ଲାଭ କରିଥିବା ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ସରିତା ପରିଡ଼ା ଏହି ସାତଦିନିଆ ଶିବିରର ବିଭିନ୍ନ ଦିବସରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାଉନସିଲର ଶୁଭଶ୍ରୀ ପରିଡ଼ା ଧନ୍ୟବାଦ ଦେଇଥିଲେ। ଶିବିରରେ ୫୦ ଜଣ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ ।

# ପାଣି ମିଶ୍ରିତ ପେଟ୍ରୋଲ ଜବତ, ପେଟ୍ରୋଲ ପମ୍ପ ସିଲ୍

ଜୟପୁର, ୧୮।୧ (ପବନ ପାଣିଗ୍ରାହୀ)

ପାଣିମିଶ୍ରିତ ପେଟ୍ରୋଲ ବିକ୍ରିଅଭିଯୋଗ ପାଇ ଟାଉନଥାନା ପୋଲିସ ଗୁରୁବାର ଚଢାଉ କରି ପାଣି ମିଶ୍ରିତ ପେଟ୍ରୋଲକୁ ଜବତ କରିଛି। ସହରର ଡେପଗୁଡା ଛକର ସାଇବାବା ମନ୍ଦିର ସମ୍ମୁଖରେ ଥିବା ବିପିସିଏଲ ଅଫଜଲ ଆଣ୍ଡ ରୁକସାର ପେଟ୍ରୋଲ ପମ୍ପରେ ଏପରି ଘଟିଛି। ଏଠାରେ ପେଟ୍ରୋଲ ବିକ୍ରିକୁ ପୋଲିସ ବନ୍ଦ କରିଛି । ଏନେଇ ତଦନ୍ତ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଶେଷ ହେବା ଯାଏ ପେଟ୍ରୋଲ ପମ୍ପ ବନ୍ଦ ରହିବ ବୋଲି ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି । ଏସମ୍ପର୍କରେ ଜିଲା ଯୋଗାଣ ଅଧିକାରୀଙ୍କୁ ଅବଗତ କରାଯାଇଛି ।

# ପୁରୀକୁ ଜୟପୁରରୁ ଆରମ୍ଭହେଲା ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା

ଜୟପୁର/କୋରାପୁଟ,୧୮।୧
(ପବନ ପାଣିଗ୍ରାହୀ/ଅମିତାଭ ବେହେରା)

କୋରାପୁଟ ଜିଲା ଜୟପୁରଠାରୁ ପୁରୀକୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ସେବା ଆରମ୍ଭ ହୋଇଛି। ଏଣିକି ଜୟପୁରଠାରୁ ସିଧାସଳଖ ପୁରୀ ଯାଇପାରିବେ ଶ୍ରଦ୍ଧାଳୁ। ଏନେଇ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଏହି ବସ୍‌ସେବାକୁ ଉଦ୍‌ଘାଟନ କରିଥିଲେ। ଜୟପୁର ଦଶହରା ପଡ଼ିଆରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା। ଏଠାରେ ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, କୋଟପାଡ୍ ବିଧାୟିକା ପଦ୍ମିନୀ ଦିଆନ, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲାପାଳ ଅବଦୁଲ ମହମ୍ମଦ ଅଖତାର, ସିଡିଓ ଗୌରବ ଶିବାଜୀ ଇସଲବାର, ଆର୍‌ଡିଓ ତପନ ବେହିଁ, ଉପଜିଲାପାଳ ପ୍ରଭାତ ପରିଡ଼ା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ଡିଟିଏମ୍ ଶ୍ରୀନିବାସ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀ ଯୋଜନାରେ ଜୟପୁରଠାରୁ ପୁରୀକୁ ଏହି ବସ୍ ଚଳାଚଳ କରିଥିବା ଜଣାପଡ଼ିଛି।

# ଭାରତୀୟ ବିଦ୍ୟାନିକେତନର ବାର୍ଷିକ କ୍ରୀଡ଼ା ଉତ୍ସବ

କାଳିମେଳା,୧୮।୧(ଜୀବନକୃଷ୍ଣ ଦାସ)

ଭାରତୀୟ ବିଦ୍ୟା ନିକେତନ (ଗୁରୁକୁଳ) କାଳିମେଳାରେ ୧୦ ତମ ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ନବକିଶୋର ମଲ୍ଲିକ, ମୁଖ୍ୟ ବକ୍ତା ବରିଷ୍ଠ ଶିକ୍ଷକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗବନ୍ଧୁ ଶତୃଶଲ୍ୟ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସମ୍ପାଦକ ଜୀବନ କୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର ମହାପାତ୍ର ସଭା ପରିଚାଳନା କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ କାଳିମେଳାର ଗ୍ରାମ ଦେବୀ ମା' ଭୈରବୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ପରେ ମଶାଲରେ ଅଗ୍ନି ସଂଯୋଗକରି ମନ୍ଦିରରୁ ଆଣି ବଜାର ପରିକ୍ରମାକରି ବିଦ୍ୟାଳୟରେ ପହଞ୍ଚିଥିଲେ। ଶ୍ରୀଜଗନ୍ନାଥ ଓ ଭାରତମାତାଙ୍କ ନିକଟରେ ଫୁଲ ଧୂପ ଅର୍ପଣକରି ପୂଜା କରାଯାଇଥିଲା। ପରେ ମୁଖ୍ୟ ଅତିଥି କ୍ରୀଡ଼ା ପତାକା ଉତ୍ତୋଳନକରି ଛାତ୍ରୀଛାତ୍ରଙ୍କୁ ଶପଥପାଠ କରିବା ସହ କ୍ରୀଡ଼ା କାର୍ଯ୍ୟକ୍ରମକୁ ଶୁଭାରମ୍ଭ ପାଇଁ ଘୋଷଣା କରିଥିଲେ। ମୁଖ୍ୟବକ୍ତା କହିଲେ ଶିକ୍ଷା ଓ କ୍ରୀଡ଼ା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ କେହି କାହାଠାରୁ କମ୍ ନୁହେଁ । ଆଜି ଦେଶରେ କ୍ରୀଡାବିତ୍‌ମାନଙ୍କୁ ଦେଶ ବିଦେଶରେ ସମ୍ମାନ ମିଳୁଛି। ତେଣୁ ବିଦ୍ୟାଳୟସ୍ତରରେ ପ୍ରତିଭା ଅନ୍ୱେଷଣ ହେଉଛି ଏହାର ପ୍ରକୃଷ୍ଟ କ୍ଷେତ୍ର। ଏଥିରେ ସମସ୍ତେ ଭାଗ ନେଇ ଆଗକୁ ବଢ଼ିବା ଉଚିତ। ବାର୍ଷିକ କ୍ରୀଡ଼ାର ପ୍ରଥମ ଦିନରେ ୧୦୦,୨୦୦ ଓ ୪୦୦ ମିଟର ଦୌଡ଼, ମ୍ୟୁଜିକ୍ ଚେୟାର,ଗଣିତ କଷା, ଲମ୍ଫଡିଆଁ, ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା ଆଦି କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସୁପରିଚାଳନା ପାଇଁ ଗୁରୁଜୀ ଶୁଭାଶିଷ ପ୍ରଧାନ, ସାଗର ବିଶ୍ୱାସ, ମୁନା ପଡିଆମି, କାହ୍ନୁରାମ କବାସି ଏବଂ ଗୁରୁମାମାନଙ୍କ ମଧ୍ୟରେ ବିଜୟଲକ୍ଷ୍ମୀ ଚକ୍ରବର୍ତ୍ତୀ, ଶୈଳେନ୍ଦ୍ରୀ ସାହୁ ଓ ବନମାଳା ମଣ୍ଡଳଙ୍କ ସହାୟତାରେ କ୍ରୀଡ଼ା କାର୍ଯ୍ୟକ୍ରମ ହୋଇଛି ।



କ୍ରୀଡା ଉତ୍ସବରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ।

### ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବୈପାରିଗୁଡା,୧୮।୧(କଳ୍ପତରୁ ମହାନ୍ତି)

ଶହୀଦ୍ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରସାର ପ୍ରଚାର କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡିଆ ଭାଷାର ବିକାଶ ପାଇଁ ପଦକ୍ଷେପ ନେଇ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରି ସେମାନଙ୍କୁ ପୁରସ୍କୃତ କରିବା ଲକ୍ଷ୍ୟ ରଖାଯାଇଛି । ପ୍ରବନ୍ଧ, କବିତା ଓ କ୍ଷୁଦ୍ରଗଳ୍ପ ରଚନା, ଓଡ଼ିଆ ବ୍ୟାକରଣ ଜ୍ଞାନକୁ ନେଇ ଆଗାମୀ ଦିନରେ ପ୍ରତିଯୋଗିତାମାନ କରାଯିବ ବୋଲି ଓଡିଆ ଭାଷା ସମ୍ମିଳନୀର ନିର୍ବାହି ଅଧିକାରୀ ଡ.ସଦାନନ୍ଦ ଅଡାରୀ କହିଛନ୍ତି। ଅଧ୍ୟକ୍ଷ କୁମୁଦ ରଞ୍ଜନ ମହାରଣା ସମସ୍ତ ଛାତ୍ରୀଛାତ୍ରଙ୍କୁ ଏଥିରେ ଭାଗ ନେବାକୁ ପରାମର୍ଶ ଦେଇଥିଲେ ।



ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କ ବାସଭାବନରେ ଗୁରୁବାର ଆୟୋଜିତ ମିଶ୍ରଣ ପର୍ବରେ ଭାଜପା ଓ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିବା ନୂତନ କର୍ମୀମାନେ।

# ୧୦୬୬ ପାଣି ପଞ୍ଚାୟତରେ ୨୧,୩୨୦ ହେକ୍ଟର ଜମି ଜଳସେଚିତ ହେଉଛି

ନବରଙ୍ଗପୁର,୧୮।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁରସ୍ଥିତ ଉଠା ଜଳସେଚନ ବିଭାଜନ କାର୍ଯ୍ୟାଳୟରେ ପାଣି ପଞ୍ଚାୟତ ପକ୍ଷ ଉପଲକ୍ଷେ କାର୍ଯ୍ୟକ୍ରମ କରାଯାଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଚାଷ ଓ ଚାଷୀଙ୍କ ବିକାଶରେ ପାଣି ପଞ୍ଚାୟତର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ଜଳସେଚନ ପାଇଁ ମୁଖ୍ୟମନ୍ତ୍ରୀ ଇନ୍ଦ୍ରାବତୀ ଜଳସେଚନ, ଚୁରି ଗୁଣିଆଟ ପ୍ରକଳ୍ପ ଘୋଷଣା କରିଛନ୍ତି। ଏହାଦ୍ୱାରା ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି, ନବରଙ୍ଗପୁର ଓ କୋଷାଗୁମୁଡ଼ା ବ୍ଲକର ବହୁ ଜମି ଜଳସେଚିତ ହୋଇପାରିବ। ଉଠା ଜଳସେଚନ ପ୍ରକଳ୍ପରୁ ପାଣି ପାଇ ଚାଷୀମାନେ ଏକାଧିକ ଫସଲ ଅମଳକରି ପାରୁଛନ୍ତି ବୋଲି ସେ କହିଥିଲେ। ଅନ୍ୟତମ ଅତିଥିଭାବେ ରାଜ୍ୟ ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ ଯୋଗଦେଇ ନବରଙ୍ଗପୁର ଜିଲାରେ ଜଳସେଚନ ପାଇଁ ଉଠା ଜଳସେଚନ ପ୍ରକଳ୍ପର ଭୂମିକା ଗୁରୁତ୍ୱ ପୂର୍ଣ୍ଣ ବୋଲି କହିଛନ୍ତି। ଚଳିତ ବର୍ଷ ୨୦ ହଜାରରୁ ଅଧିକ ଉଠା ଜଳସେଚନ ପ୍ରକଳ୍ପ ପାଇଁ ଆବେଦନ କରାଯାଇଛି। ଏହାଦ୍ୱାରା ଜିଲାର ଚାଷୀମାନେ ଅଧିକ ଲାଭ ପାଇପାରିବେ ବୋଲି କହିଥିଲେ। ଜିଲାପାଳ କମଳ ଲୋଚନ ମିଶ୍ର ପାଣିର ଅପବ୍ୟବହାର ରୋକିବା ଉପରେ ଗୁରୁତ୍ୱ ଦେଇଥିଲେ। ଉଠା ଜଳସେଚନ ବିଭାଜନରେ ଅଦ୍ୟାବଧି ୧୦୬୬ ପାଣି ପଞ୍ଚାୟତ ଗଠିତ ହୋଇ ୨୧, ୩୨୦ ହେକ୍ଟର ଜମିରେ ଜଳସେଚିତ ହୋଇପାରୁଛି ବୋଲି ନିର୍ବାହୀ ଯନ୍ତ୍ରୀ ଦିଲୀପ କୁମାର ଦାଶ କହିଛନ୍ତି। ୭୬୨୭ ଗଭୀର ନଳକୂପ ସ୍ଥାପିତ ହୋଇ ୧୪,୬୮୬ ହେକ୍ଟର ଜମିରେ ରବିଋତୁରେ ଜଳସେଚନ କରାଯାଇପାରୁଛି। ଚଳିତ ବର୍ଷ ୨୦୨୩-୨୪ରେ ୭୦ ନୂତନ ନଦୀ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଏହା କାର୍ଯ୍ୟକାରୀ ହେଲେ ନୂତନ ୭୦ ପାଣି ପଞ୍ଚାୟତ ଗଠନ କରାଯାଇ ୧୪ଶହ ହେକ୍ଟର ଜମିକୁ ଜଳସେଚନ କରାଯାଇପାରିବ। ଆହୁରି ୧୯୦ ପ୍ରକଳ୍ପ ମଞ୍ଜୁର ପାଇଁ ପ୍ରସ୍ତୁତି କରାଯାଇଛି। ଏହି ବର୍ଷ ୧୯,୮୭୨ ଜଣ ଚାଷୀ ଗଭୀର ନଳକୂପ ପାଇଁ ଅନ୍‌ଲାଇନ ଆବେଦନ କରିଛନ୍ତି ବୋଲି ଯନ୍ତ୍ରୀ କହିଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀ ଜି. ଭେଙ୍କଟ ରେଡ୍ଡୀ ମଞ୍ଚାସୀନ ଥିଲେ। ଏହି ଅବସରରେ ଚାଷୀ ଯୋଗେନ୍ଦ୍ର ସ୍ୱାଇଁ, ବୃନ୍ଦାବନ ତ୍ରିପାଠୀ ପ୍ରମୁଖ ଚାଷ ଓ ଚାଷୀର ସମସ୍ୟା ସମ୍ପର୍କରେ ଉପସ୍ଥାପନ କରିଥିଲେ। କୃଷି ବିଭାଗ ପକ୍ଷରୁ ମାଣ୍ଡିଆରୁ ତିଆରି ଖାଦ୍ୟ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ୧୦ ବ୍ଲକର ବିଭିନ୍ନ ଅଞ୍ଚଳର ଚାଷୀ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଶାବର ଶ୍ରୀକ୍ଷେତ୍ରକୁ ଆସିଲା ନିମନ୍ତ୍ରଣ

କୋରାପୁଟ,୧୮।୧(ଅମିତାଭ ବେହେରା)

ଚଳିତ ମାସ ୨୭ରେ ସମ୍ବଲପୁରର ମା' ସମଲେଶ୍ୱରୀ ପ୍ରକଳ୍ପର ଲୋକାର୍ପଣ ଉତ୍ସବ ହେବ। ଏନେଇ ମା' ସମଲେଶ୍ୱରୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ କୋରାପୁଟ ଶାବର ଶ୍ରୀକ୍ଷେତ୍ରକୁ ନିମନ୍ତ୍ରଣ ପତ୍ର ଆସିଛି। ମା'ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ସଦସ୍ୟ ଦେଓ କୁମାର ଆଜମେରିଆଙ୍କ ନେତୃତ୍ୱରେ ସମଲେଶ୍ୱରୀ ମନ୍ଦିରର ପୂଜକ ସଗନ ରାୟ ଓ ମନୋଜ ରାୟ, ଡିଏସ୍ଏସ୍ ନୀଳାଞ୍ଚଳ ସେଠୀ ପ୍ରମୁଖ ୪ ଜଣିଆ ଟିମ୍ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ଉପଜିଲାପାଳ ଛକଠାରୁ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ମନ୍ଦିର ପରିଚାଳନା କମିଟି ସମ୍ପାଦକ ଜଗବନ୍ଧୁ ସାମଲ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା ପ୍ରମୁଖ ସ୍ୱାଗତ



ସମ୍ବଲପୁର ସମଲେଇ ମନ୍ଦିରରୁ ଆସିଥିବା କର୍ମକର୍ତ୍ତା ଶବର ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ ନିମନ୍ତ୍ରଣ କରୁଛନ୍ତି।

**ମା' ସମଲେଶ୍ୱରୀ ପ୍ରକଳ୍ପର ଲୋକାର୍ପଣ ଉତ୍ସବ**

କରି ଶୋଭାଯାତ୍ରାରେ ମନ୍ଦିର ନିକଟକୁ ପାଛୋଟି ଆଣିଥିଲେ। ମନ୍ଦିରରେ ପହଞ୍ଚିବା ପରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସେମାନଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ମନ୍ଦିର ଭିତରେ ପୂଜାନୀତି ସାରିବା ପରେ ମା' ସମଲେଶ୍ୱରୀ ପୀଠରୁ ଆସିଥିବା ନିମନ୍ତ୍ରଣ ପତ୍ରକୁ ପ୍ରଥମେ ପାଠ କରିବା ପରେ ମନ୍ଦିରର ସମ୍ପାଦକ ସାମଲଙ୍କୁ ଏହି ନିମନ୍ତ୍ରଣପତ୍ର ପ୍ରଦାନ କରିଥିଲେ। ସେହିପରି ଏହି ଅବସରରେ ଗଙ୍ଗାନଦୀରେ ଆରତି ଭଳି ସମ୍ବଲପୁର ନିକଟସ୍ଥ ମହାନଦୀ କୂଳରେ ଥିବା ଆରତି ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମକୁ ସମସ୍ତ ଜିଲାବାସୀଙ୍କୁ ନିମନ୍ତ୍ରଣ କରିଥିଲେ ।

